

ଟିପ୍ପଣୀ

# ୩୧
# ମଧ୍ୟଯୁଗୀୟ ରାଷ୍ଟ୍ର

ଏହି ପାଠ୍ୟ ପୁସ୍ତକରେ ମଧ୍ୟଯୁଗୀୟ ରାଷ୍ଟ୍ରମାନଙ୍କର ଉତ୍‌ଥାନର ସ୍ୱରୂପ ତଥା ବିସ୍ତାର ଉପରେ ଆଲୋଚନା କରାଯାଇଅଛି । ଏଠାରେ ଦୁଇ ମୁଖ୍ୟ ରାଷ୍ଟ୍ର ଗଠନ ବିଷୟରେ ଆଲୋଚନା କରାଯାଇଛି ତାହା ହେଲା ଦିଲ୍ଲୀ ସୁଲତାନି ଶାସନ ଓ ମୋଗଲ ସାମ୍ରାଜ୍ୟ । ମଧ୍ୟକାଳୀନ ଶାସକମାନେ ମୁଖ୍ୟତଃ ଭାରତ ବାହାରୁ ଆସିଥିବା ହେତୁ ଏମାନେ ଦେଶୀୟ ରାଜନୈତିକ ଗଠନ ପ୍ରଣାଳୀକୁ ପ୍ରଭାବିତ କରୁଥିଲେ ତଥା ସେଠାରୁ ମଧ୍ୟ ଶିକ୍ଷା ଲାଭ କରୁଥିଲେ । ମଧ୍ୟଯୁଗୀୟ ରାଷ୍ଟ୍ରର ବର୍ଣ୍ଣନା ବିଶେଷ ଭାବରେ ଏପରି ଏକ ରାଜ୍ୟତନ୍ତ୍ର ରୂପେ କରାଯାଇଅଛି ଯେ ଯାହାର ମୁଖ୍ୟ ଜଣେ ଶକ୍ତିଶାଳୀ ଶାସକ ଯାହାଙ୍କ ପ୍ରତି ପଦାନୁକ୍ରମାନୁସାର ସଂଗଠିତ ପ୍ରଶାସନିକ କଳର ସମର୍ଥନ ତଥା ଧାର୍ମିକ କର୍ମକର୍ତ୍ତାଙ୍କ ଦ୍ୱାରା ବୈଧତା ପ୍ରଦାନ କରାଯାଇଥାଏ । ସୈନ୍ୟବାହିନୀ, କୁଳୀନ ଅମଲାତନ୍ତ୍ର ଏବଂ ଭୂରାଜସ୍ୱ ଆଦି ରାଷ୍ଟ୍ରର ମୂଳତତ୍ତ୍ୱ ଥିଲା । କ୍ଷମତାର ଅଂଶୀଦାର ହେବା ପାଇଁ ପ୍ରତିଯୋଗୀ ଗୋଷ୍ଠୀମାନଙ୍କ ମଧ୍ୟରେ ପ୍ରତି ରାଜାଙ୍କୁ ସନ୍ତୁଳନ ରକ୍ଷା କରିବା ଜରୁରୀ ଥିଲା ।



## ଉଦ୍ଦେଶ୍ୟ

ଏହା ଅଧ୍ୟୟନ କଲା ପରେ ତୁମେ:-

- ମଧ୍ୟଯୁଗୀୟ ଭାରତରେ ରାଷ୍ଟ୍ରର ବିକାଶର ବିଶ୍ଳେଷଣ କରିପାରିବ ।
- ମଧ୍ୟଯୁଗୀୟ ରାଷ୍ଟ୍ରର ସ୍ୱରୂପକୁ ସ୍ମରଣ କରିପାରିବ ।
- ମଧ୍ୟଯୁଗୀୟ ରାଷ୍ଟ୍ରର ସଙ୍ଗଠନଗୁଡ଼ିକୁ ବର୍ଣ୍ଣନା କରିପାରିବ ।

## ୩୧.୧ ପୃଷ୍ଠଭୂମି

ଗୁପ୍ତ ସାମ୍ରାଜ୍ୟର ପତନ ପରେ ପରେ ଭାରତୀୟ ରାଜ୍ୟତନ୍ତ୍ରର ବିକେନ୍ଦ୍ରୀକରଣ ଏବଂ ବିଭିନ୍ନ ଆଞ୍ଚଳିକ ରାଷ୍ଟ୍ରର ଆବିର୍ଭାବ ହୋଇଥିଲା । ପ୍ରାଚୀନ ଯୁଗରୁ ମଧ୍ୟବର୍ତ୍ତୀ ଯୁଗକୁ ପରିବର୍ତ୍ତନ ହେବା ସମୟରେ ତିନୋଟି ଆଞ୍ଚଳିକ କ୍ଷମତା ମଧ୍ୟରେ ଏକ ତ୍ରିପାକ୍ଷିକ ଯୁଦ୍ଧ ହୋଇଥିଲା । ସେ ରାଷ୍ଟ୍ରଗୁଡ଼ିକ ହେଲେ ବଙ୍ଗଳାର ପାଳ, ଉତ୍ତର ଭାରତରେ ରାଷ୍ଟ୍ରକୁଟ ଏବଂ ଉପଦୀପିୟ ଭାରତର ରାଷ୍ଟ୍ରକୁଟ । ଖୁବ୍ ଶୀଘ୍ର ଉତ୍ତର ଭାରତରେ ସାମ୍ରାଜ୍ୟ ବସାଇବା ପାଇଁ ଆଶା କରିଥିବା ଛୋଟ ରାଜପୁତ ରାଷ୍ଟ୍ରର ବିକାଶ ହୋଇଥିଲା । କିନ୍ତୁ ଉତ୍ତର-ପଶ୍ଚିମ ଦିଗରେ ତୁର୍କୀବାସୀଙ୍କର ଆଗମନ ଫଳରେ ଏକ ବିସ୍ତୃତ ମଧ୍ୟକାଳୀନ ରାଷ୍ଟ୍ର ଗଠନର ନୂତନ ପ୍ରକ୍ରୀୟା ଦେଖା ଯାଇଥିଲା ।

## ୩୧.୨ ଦିଲ୍ଲୀ ସୁଲତାନେଟ

ତ୍ରୟୋଦଶ ଶତାବ୍ଦୀରେ ଉତ୍ତର ଭାରତରେ ଏକ ନୂଆ ପ୍ରକାରର ରାଜବଂଶୀୟ ପ୍ରଭାବ କ୍ଷେତ୍ରର ଆରମ୍ଭ ହୋଇଥିଲା । ଦିଲ୍ଲୀ ସୁଲତାନେଟର ଉତ୍ପତ୍ତି ମହମ୍ମଦ ଘୋରୀଙ୍କ ବିଜୟରୁ ହୋଇଥିଲା । ସେ ୧୧୫୧ ଖ୍ରୀ:ରେ ଗଜନୀଙ୍କୁ ଲୁଣ୍ଠନ କରି ଗଜନବୀୟମାନଙ୍କୁ (ଗଜନୀର ଶାସକ ଗୋଷ୍ଠୀ)

**ମଡ୍ୟୁଲ-୬କ**

**ଭାରତରେ ରଷ୍ଟ୍ରଗଠନର ଉତ୍ପତ୍ତି**



**ଟିପ୍ପଣୀ**

ପଞ୍ଜାବକୁ ଖ୍ରୀ:୧୧୫୭ରେ ବିତାଡ଼ିତ କରିଥିଲେ । ମହମ୍ମଦ ଘୋରୀ ଖ୍ରୀ:୧୧୮୬ରେ ଗଜନବୀୟଙ୍କ ମୂଳ ଉତ୍ପାଟନ କରିବା ପାଇଁ ସିନ୍ଧୁ ଅବବାହିକାରେ ପ୍ରବେଶ କରିଥିଲେ । ଯିବା ବାଟରେ ତାଙ୍କର ସୈନ୍ୟବାହିନୀ ଖ୍ରୀ:୧୧୭୫ରେ ମୁଲତାନ, ଖ୍ରୀ:୧୧୮୨ରେ ସିନ୍ଧୁ ଏବଂ ଖ୍ରୀ:୧୧୮୬ରେ ପେଶୱା ଏବଂ ଲାହୋରକୁ ଅଧିକାର କରିଥିଲେ । ଖ୍ରୀ:୧୧୯୦ରେ ସେ ଭାତିଣ୍ଡା (Bhatinda) ଅଧିକାର କରିଥିଲେ । ଏହା ରାଜପୁତ ସମ୍ରାଟ ପୃଥିବୀରାଜ ଚୌହାନଙ୍କୁ ଯୁଦ୍ଧ କରିବାକୁ ଇନ୍ଧନ ଯୋଗାଇଥିଲା, ଯାହାଙ୍କୁ ସେ ଖ୍ରୀ:୧୧୯୨ରେ ଚୂଡ଼ାନ୍ତ ଭାବେ ପରାସ୍ତ କରିଥିଲେ । ଗାଙ୍ଗେୟ ଉପତ୍ୟକାକୁ ଯାଇଥିବା ପଶ୍ଚିମ ପଥରୁ ରାଜପୁତଙ୍କ କର୍ତ୍ତୃତ୍ୱକୁ ସମାପ୍ତ କରି ଘୋରୀଙ୍କ ସୈନ୍ୟବାହିନୀ ପୂର୍ବ ଦିଗକୁ ଅଗ୍ରସର ହେଲେ । ଏହି ସୈନ୍ୟ ଚାଳନା ଖ୍ରୀ:୧୨୦୦ରେ ବକ୍ତିୟାର ଖିଲିଜୀ ବଙ୍ଗଳରେ ଲକ୍ଷ୍ମଣ ସେନାଙ୍କୁ ଅନ୍ତିମ ଭାବେ ହରାଇବା ପର୍ଯ୍ୟନ୍ତ ଚାଲୁ ରହିଥିଲେ । ଖ୍ରୀ:୧୨୦୬ରେ ମହମ୍ମଦ ଘୋରୀ ମୃତ୍ୟୁ ବରଣ କଲାପରେ ତାଙ୍କର ବିଶ୍ୱାସି ମାମଲୁକ (ଦାସ) ସେନାପତି ତଥା ଦିଲ୍ଲୀର ଗଭର୍ଣ୍ଣର କୁତବ୍-ଉଦ୍-ଦିନ-ଆଇବାକ୍ ନିଜକୁ ସ୍ୱାଧୀନ ଶାସକ ବୋଲି ଘୋଷଣା କଲେ । ଉକ୍ତ ଇଲବାରୀ ତୁର୍କର (Ilberi Turk) ରାଜବଂଶ ହେଉଛି ଦିଲ୍ଲୀକୁ ଶାସନ କରୁଥିବା ରାଜବଂଶମାନଙ୍କ ଅନୁକ୍ରମରେ ପ୍ରଥମ ଯେଉଁମାନଙ୍କୁ ସାମୁହିକ ଭାବେ ଦିଲ୍ଲୀ ସୁଲତାନେଟ କୁହାଯାଏ । ପରବର୍ତ୍ତୀ ସମୟରେ ଘୋରୀ ଏବଂ ଘଜନବୀୟମାନଙ୍କର ଦିଲ୍ଲୀକୁ ନିଜ ଅଧିନକୁ ଫେରାଇ ଆଣିବାର ପ୍ରଚେଷ୍ଟାକୁ ଇଲ୍‌ତୁତ୍‌ମିସ୍(୧୨୧୧-୧୨୩୬)ଅସଫଳ କରି ଦେଇଥିଲେ । ଉତ୍ତର ଭାରତରେ ତୁର୍କମାନଙ୍କ ଦ୍ୱାରା ଲବ୍ଧ ରାଜ୍ୟଗୁଡ଼ିକୁ ଏକଶାସନାଧୀନ କରିଥିବାରୁ ଇଲ୍‌ତୁତ୍‌ମିସ୍‌ଙ୍କୁ ତୁର୍କ ସାମ୍ରାଜ୍ୟର ପ୍ରତିଷ୍ଠାତା ବୋଲି ବିବେଚନା କରିବା ନିତ୍ୟାନ୍ତ ଆବଶ୍ୟକ । ସେ ସାମ୍ରାଜ୍ୟକୁ ଏକ ନୂତନ ରାଜଧାନୀ, ଏକ ରାଜତାନ୍ତ୍ରିକ ସରକାର ଏବଂ ଏକ ଶାସକ ଗୋଷ୍ଠୀ ପ୍ରଦାନ କରିଥିଲେ । ସେ ବେତନ ଅନୁଦାନ ସ୍ଥାନରେ ଜମିରୁ ରାଜସ୍ୱ ଦେବା ପ୍ରଥା ଆରମ୍ଭ କରିଥିଲେ । ସେ ଏକ କେନ୍ଦ୍ରୀୟ ସେନାବାହିନୀ ସ୍ଥାପନ କରିଥିଲେ ଏବଂ ରୂପା ମୁଦ୍ରା ତଥା ଜିତିଲ କୁହାଯାଉଥିବା ତମ୍ବା ମୁଦ୍ରା ପଇସାର ପ୍ରଚଳନ କରିଥିଲେ । ପ୍ରସିଦ୍ଧ କୁତବମୀନାର ତାଙ୍କ ରାଜସ୍ୱକାଳରେ ସମ୍ପୂର୍ଣ୍ଣ ହୋଇଥିଲା । ଇଲ୍‌ତୁତ୍‌ମିସ୍ ନିଜର କନ୍ୟା ରେଜିୟା (ରେଜିୟା-ଉଦ୍-ଦୀନ)ଙ୍କୁ ନିଜର ଉତ୍ତରାଧିକାରୀଣୀ ହିସାବରେ ମନୋନୀତ କରିଥିଲେ । ଏହା ସତ୍ତ୍ୱେ ନୂତନ ରାଷ୍ଟ୍ରରେ ଇଲ୍‌ତୁତ୍‌ମିସ୍‌ଙ୍କ ମୃତ୍ୟୁର ଦଶ ବର୍ଷ ମଧ୍ୟରେ ଗମ୍ଭୀର ଦଳୀୟ ବିବାଦ ଦେଖା ଦେଇଥିଲା । ଏହା ଦ୍ୱାରା ତାଙ୍କର ଚାରି ଜଣ ପୁତ୍ର ଏବଂ ପୌତ୍ରମାନଙ୍କୁ ସିଂହାସନରେ ଅଳଙ୍କୃତ କରିବା ସଙ୍ଗେସଙ୍ଗେ ସମୟ କ୍ରମେ ପଦଚ୍ୟୁତ ମଧ୍ୟ ହେବାକୁ ପଡ଼ିଥିଲା । ଉକ୍ତ ଗତିବିଧି ମୁଖ୍ୟତଃ ଇଲ୍‌ତୁତ୍‌ମିସ୍‌ଙ୍କ ନିଜସ୍ୱ ଦାସମାନଙ୍କ ଦ୍ୱାରା ଚାଲୁ ରହିଥିଲା । ସେମାନଙ୍କୁ "ଚାଳିସିବାହିନୀ" ଅଥବା ଚିହାଲଗାନୀ (Chihalgani) କୁହାଯାଏ । ଏହା ଏକ ରାଜନୈତିକ ଦଳ ଯାହାର ସଦସ୍ୟ ହେବା ପାଇଁ ପ୍ରତିଭା ତଥା ଇଲ୍‌ତୁତ୍‌ମିସ୍‌ଙ୍କ ପରିବାର ପ୍ରତି ନିଷ୍ଠାର ଆବଶ୍ୟକତା ଥିଲା । ଖ୍ରୀ:୧୨୪୬ ବେଳକୁ ରାଜନୈତିକ ସ୍ଥିତିରେ ପରିବର୍ତ୍ତନ ଦେଖା ଦେଲା । ଏହି ସମୟରେ ଚିହାଲଗାନୀର ଜଣେ କନିଷ୍ଠ ସଦସ୍ୟ ଗ୍ୟାସ୍-ଉଦ୍ଦିନ ବଲ୍‌ବନ୍ ନୂଆ ସୁଲତାନ୍ ନାସିର-ଉଦ୍ଦ-ଦୀନ୍-ମହମୁଦ(୧୨୪୬-୬୬)ଙ୍କ ଅଧିନରେ ରହି ସରକାର ଚଳାଇ ପାରିବା ଭଳି ଅସୀମ କ୍ଷମତାର ଅଧିକାରୀ ହୋଇଥିଲେ । ବଲ୍‌ବନ୍ ପ୍ରଥମେ ଉକ୍ତ ସୁଲତାନଙ୍କ ନାୟବ (ସହାୟକ) ଏବଂ ପରେ ନିଜେ ସୁଲ୍‌ତାନ୍ ହୋଇଥିଲେ (୧୨୬୬-୧୨୮୬) । ସେ ତାଙ୍କ ନିଜ ସମୟର ସର୍ବାପେକ୍ଷା ମହତ୍ୱପୂର୍ଣ୍ଣ ରାଜନୈତିକ ବ୍ୟକ୍ତି ଥିଲେ ।



ଟିପ୍ପଣୀ



ବଲବନ ସୁଲତାନଙ୍କ ବିଶେଷ ସ୍ଥିତି ଉପରେ ଜୋର୍ ଦେଇ ତାଙ୍କୁ ଜିଲ-ଆଲ୍-ଆଲ୍ଲା (Zill-al-Allah) ଅର୍ଥାତ୍ ପୃଥିବୀରେ ଭଗବାନଙ୍କର ଛାୟା (Shadow of God) ବୋଲି ବିବେଚନା କରୁଥିଲା । ବଲବନ ରାଜ ଦରବାରରେ ଚମତ୍କାରିତା, ମର୍ଯ୍ୟଦା ଏବଂ ଶିଷ୍ଟାଚାର ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସେ ଦୃଷ୍ଟାନ୍ତକାରୀ କଠୋର ଦଣ୍ଡ ବିଧାନରେ ବିଶ୍ୱାସ କରୁଥିଲେ ଏବଂ ସମ୍ଭ୍ରାନ୍ତମାନେ ମଧ୍ୟ ଏଥିରୁ ବାଦ ପଡ଼ି ନଥିଲେ । ବଲବନ୍‌ଙ୍କ ଆସନ୍ନ ଉତ୍ତରାଧିକାରୀମାନେ ଶାସନ ପରିଚାଳନା କରିବାକୁ ସକ୍ଷମ ହୋଇ ଥିବା ସତ୍ତ୍ୱେ ପୁରାତନ ତୁର୍କୀ ସମ୍ଭ୍ରାନ୍ତ ଏବଂ ଖିଲିଜୀଙ୍କ ଦ୍ୱାରା ପରିଚାଳିତ ନୂତନ ଶକ୍ତି ମଧ୍ୟରେ ଦେଖା ଦେଇ ଥିବା ଦଳୀୟ ସଂଘର୍ଷକୁ ମଧ୍ୟ ଆୟତ କରି ପାରି ନଥିଲେ । ଏହି ଦୁଇ ଗୋଷ୍ଠୀର ସଂଘର୍ଷ ପରେ ଜଲାଲ-ଉଦ୍-ଦିନ ଫିରୋଜ ଖିଲିଜୀ ଖ୍ରୀ:୧୨୯୦ରେ ସୁଲତାନେଟର କ୍ଷମତା ଅଧିକାର କରିଥିଲେ ।

**ଖିଲିଜୀ**

ଖିଲିଜୀମାନଙ୍କୁ ପୁରାତନ ସମ୍ଭ୍ରାନ୍ତମାନେ ଶୁଦ୍ଧ ତୁର୍କୀ କୂଳରୁ ଜାତ ବୋଲି ବିଶ୍ୱାସ କରୁ ନଥିଲେ । (ଯଦିଓ ସେମାନେ ତୁର୍କୀ ଥିଲେ) ସେମାନଙ୍କର କ୍ଷମତା ହାସଲ ପଛରେ କେତେକ ଅସ୍ଥିର ବାହାର ଶକ୍ତିର ହାତ ଥିଲା । ସେମାନଙ୍କ ମଧ୍ୟରୁ କେତେକ ହେଉଛନ୍ତି ଭାରତରେ ଜନ୍ମିଥିବା ମୁସଲମାନମାନେ । ସେମାନେ ନିଜର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ବଲବନ୍, ଚିହାଲଗାନି ତଥା ତାଙ୍କର ଅନୁଗାମୀମାନଙ୍କ ଆସ୍ଥାନକୁ ଭାଙ୍ଗିବା ପାଇଁ ପ୍ରୟାସ କରିଥିଲେ । କିୟଦାଂଶରେ ଖିଲିଜୀଙ୍କ କ୍ଷମତା ହାସଲ, କ୍ଷମତା ସନ୍ତୁଳନକୁ ସ୍ୱୀକୃତି ପ୍ରଦାନ କରିବା ପାଇଁ ଏକ ଗୋଟି ଚାଳନା ଥିଲା । ଉକ୍ତ ଘଟଣାର ମୁଖ୍ୟ କାରଣଗୁଡ଼ିକ ହେଲା ମଧ୍ୟ-ଏସିଆ ଏବଂ ଇରାନ ତଥା ଦିଲ୍ଲୀ ସୁଲତାନେଟ ବାହାରେ ଥିବା ଅଞ୍ଚଳର ଗତିବିଧି ସହିତ ଉତ୍ତର ଭାରତରେ ତୁର୍କି ଶାସନ କାଳରେ ହୋଇଥିବା ବିଶେଷ ପରିବର୍ତ୍ତନ । ଖିଲିଜୀଙ୍କର ରାଜ୍ୟ ଜୟ ପାଇଁ ବୈଦେଶୀକ ନୀତି ତଥା ସମ୍ପୂର୍ଣ୍ଣ ନିୟନ୍ତ୍ରଣ ପାଇଁ ଆଭ୍ୟନ୍ତରୀଣ ପଦ୍ଧତିଗୁଡ଼ିକୁ ସୈନ୍ୟ ଅଭିଯାନ ଏବଂ ଆଇନ କାନୁନ ମାଧ୍ୟମରେ କାର୍ଯ୍ୟକାରୀ କରାଯାଇଥିଲା । ଖିଲିଜୀମାନେ ତାଙ୍କର ଆଫ୍‌ଗାନ୍ ବଂଶଜମାନଙ୍କ ସାହାଯ୍ୟରେ ଅସନ୍ତୁଷ୍ଟ ସମ୍ଭ୍ରାନ୍ତମାନଙ୍କର ଆସ୍ଥା ଭାଜନ ହୋଇଥିଲେ । ଏମାନେ ଅସନ୍ତୁଷ୍ଟ ହେବାର କାରଣ ହେଲା ଯେ ସେମାନେ ଅନୁଭବ କରୁଥିଲେ ଯେ ପୂର୍ବ ସୁଲତାନମାନେ ତାଙ୍କୁ ଉପେକ୍ଷା କରୁଥିଲେ । ଜଲାଲ-ଉଦି-ଦିନ ଖିଲିଜୀ (୧୨୯୦-୧୨୯୬) ବଲବନଙ୍କ ଶାସନ କାଳର କେତେକ କଠୋରତାକୁ ଉପଶମ କରିବା ପାଇଁ ଚେଷ୍ଟା କରିଥିଲେ । ସେ ହିଁ ହେଉଛନ୍ତି ପ୍ରଥମ ଶାସକ ଯିଏ କି ବୁଝି ପାରିଥିଲେ ଯେ "ରାଷ୍ଟ୍ରର ଭିତ୍ତି ଶାସିତମାନଙ୍କର ଇଚ୍ଛାଗତ ସହଯୋଗ ଉପରେ ନିର୍ଭର କରେ ଏବଂ ଅଧିକାଂଶ ଭାରତୀୟମାନେ ହିନ୍ଦୁ ହୋଇଥିବାରୁ ବାସ୍ତବରେ ଶାସନ ସମ୍ପୂର୍ଣ୍ଣ ଇସଲାମୀ ହୋଇ ପାରିବ ନାହିଁ ।

ଖ୍ରୀ:୧୨୯୬ରେ ତାଙ୍କର ଉଚ୍ଚାଭିଳାସୀ ପୁତୁରା ତଥା ଉତ୍ତରାଧିକାରୀ ଆଲ୍ଲା-ଉଦ୍ଦିନ-ଖିଲିଜୀଙ୍କ ଦ୍ୱାରା ସେ ନିହତ ହୋଇଥିଲେ । ଆଲ୍ଲା-ଉଦ୍ଦିନ-ଖିଲିଜୀଙ୍କ ଶାସନ କାଳରେ (୧୨୯୬-୧୩୧୬) ସୁଲତାନେଟ ସଂକ୍ଷେପରେ ସାମ୍ରାଜ୍ୟର ସ୍ୱରୂପ ଧାରଣ କରିଥିଲା । ନିଜର ଲକ୍ଷ କୈନ୍ଦ୍ରୀକରଣ ଏବଂ ସାମ୍ରାଜ୍ୟ ବିସ୍ତାରକୁ ହାସଲ କରିବା ପାଇଁ ଆଲ୍ଲା-ଉଦ୍ଦିନ-ଖିଲିଜୀ ଅର୍ଥ, ନିଷ୍ଠାପର ତଥା ଆଜ୍ଞାକାରୀ ସମ୍ଭ୍ରାନ୍ତ ଶ୍ରେଣୀ ତଥା ଏକ ନିଜସ୍ୱ ନିୟନ୍ତ୍ରଣରେ ଥିବା ଏକ ସୁଦକ୍ଷ ସେନାବାହିନୀର ଆବଶ୍ୟକତା ଉପଲବ୍ଧି କରିଥିଲେ । ସେ ପୂର୍ବରୁ ଖ୍ରୀ:୧୨୯୨ରେ ଆର୍ଥିକ

ଟିପ୍ପଣୀ

ସମସ୍ୟାରୁ କିୟଦାଂଶ ମୁକ୍ତି ପାଇଥିଲେ ଯେତେବେଳେ ସେ ମଧ୍ୟ ଭାରତରେ ଅବସ୍ଥିତ ଭିଲ୍‌ସା (Bhilsa) ବିରୁଦ୍ଧରେ ଏକ ଲାଭଦାୟକ ଅତର୍କିତ ଆକ୍ରମଣ କରିଥିଲେ । ଏହି ବିଜୟ ନିଜର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ତଥା ଏକ ନୂତନ ସେନାବାହିନୀ ଗଠନ କରିବା ପାଇଁ ବହୁ ପରିମାଣରେ ସାହାଯ୍ୟ କରିଥିଲା । ଏହା ସାହାଯ୍ୟରେ ୧୨୯୬ର ପ୍ରାରମ୍ଭରେ ସେ ଏକ ଆଶ୍ଚର୍ଯ୍ୟଜନକ ତଥା ଅନନୁମୋଦିତ ସୈନ୍ୟ ଅଭିଯାନ ଦକ୍ଷିଣ ଭାରତର ଯାଦବମାନଙ୍କର ରାଜଧାନୀ ଧନଶାଳୀ ଦେବଗିରୀ ବିରୁଦ୍ଧରେ ପ୍ରାରମ୍ଭ କରିଥିଲେ । ଦେବଗିରୀରୁ ମିଳିଥିବା ଅର୍ଥ ତାଙ୍କୁ ବଳପୂର୍ବକ ସିଂହାସନ ଦଖଲ କରିବାରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ନିଜର ରାଷ୍ଟ୍ର ନିର୍ମାଣ ଯୋଜନା ପାଇଁ ଏକ ସୁଦୃଢ଼ ଭିତ୍ତିଭୂମି ସ୍ଥାପନ କରିଥିଲା । କେନ୍ଦ୍ରୀକରଣ ଏବଂ ଅତ୍ୟଧିକ ଭୂରାଜସ୍ୱ ଆଲ୍ଲା-ଉଦ୍ଦିନଙ୍କ ଶାସନର ମୁଖ୍ୟ ବିଶେଷତ୍ୱ ଥିଲା । ଭୂ-ରାଜସ୍ୱର ପରିସର ତଥା କାର୍ଯ୍ୟକାରିଣୀ ପ୍ରଣାଳୀ ସୁଲତାନଙ୍କୁ ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ହାସଲ କରିବା ପାଇଁ ସାହାଯ୍ୟ କରିଥିଲା । ତାହାହେଲା ପ୍ରଥମରେ ଶସ୍ୟ ବାହକମାନଙ୍କୁ (Grain-carrier) କମ୍ ମୂଲ୍ୟରେ ଯୋଗାଣ ସୁନିଶ୍ଚିତ କରିବା ତଥା ଦ୍ୱିତୀୟରେ ରାଷ୍ଟ୍ରର ଅମାର (grannary) ଗୁଡ଼ିକରେ ଭରପୁର ଖାଦ୍ୟ ଶସ୍ୟ ସାଇତି ରଖିବା ଯାହାକି ତାଙ୍କର ବଜାର ନିୟନ୍ତ୍ରଣ ବ୍ୟବସ୍ଥାକୁ ସାହାଯ୍ୟ କରିଥିଲା । ଏହା ବ୍ୟତୀତ ଏକ ବିଶାଳ ସ୍ଥାୟୀ ସୈନ୍ୟ ବାହିନୀର ସଙ୍କଟପୂର୍ଣ୍ଣ ଆର୍ଥିକ ସମସ୍ୟାର ମଧ୍ୟ ସମାଧାନ ହୋଇ ଯାଇଥିଲା । ୧୩୧୬ ଖ୍ରୀ:ରେ ଆଲ୍ଲା-ଉଦ୍ଦିନଙ୍କ ମୃତ୍ୟୁର ପାଞ୍ଚ ବର୍ଷ ମଧ୍ୟରେ ଖିଲିଜୀମାନେ ନିଜର ଅସ୍ତିତ୍ୱ ହରାଇ ଥିଲେ । ଉତ୍ତରାଧିକାରୀ ବିବାଦ ସମୟରେ ରାଜପ୍ରାସାଦର ରକ୍ଷକ ଦ୍ୱାରା ସେନାପତି ମାଲିକ୍ କଫୁରଙ୍କୁ ହତ୍ୟା କରାଯାଇଥିବା ସହିତ ଆଲ୍ଲା-ଉଦ୍ଦିନଙ୍କ ୬ ବର୍ଷର ପୁତ୍ରକୁ ଅନ୍ଧ କରି ତାଙ୍କର ତୃତୀୟ ପୁତ୍ର କୁତବ୍‌ଉଦ୍ଦିନ ମୁବାରକ୍ ସାହା ସୁଲତାନେଟ ଅଧିକାର କଲେ (୧୩୧୬-୨୦) । ସେ ତାଙ୍କର ପ୍ରିୟ, ହିନ୍ଦୁରୁ ଧର୍ମାନ୍ତର ହୋଇଥିବା ସେନାପତି, ଖୁସ୍‌ରୋ ଖାଁ (Khusraw Khan) ଙ୍କ ଦ୍ୱାରା ମୃତ୍ୟୁବରଣ କରିଥିଲେ । ସଙ୍ଗେ ସଙ୍ଗେ ଖୁସ୍‌ରୋଙ୍କ ବିରୁଦ୍ଧରେ ଦିପାଲପୁରରେ ଅବସ୍ଥିତ ପଶ୍ଚିମାଞ୍ଚଳ ଅଭିଯାନର ଭାରପ୍ରାପ୍ତ ଅଧିକାରୀ ଗାଜୀ ମାଲିକ (Ghazi Malik) ଙ୍କ ନେତୃତ୍ୱରେ ଏକ ବିଦ୍ରୋହ ଦେଖା ଦେଲା ଏବଂ ସେ ଖୁସ୍ରୋଙ୍କୁ ପରାସ୍ତ କରି ଚାରି ମାସ ପରେ ହତ୍ୟା କରିଥିଲେ ।

**ତୋଗଲକ** (Tughluqs)

ଗ୍ୟାସୁଦ୍ଦିନ ତୋଗଲକ ନାମରେ ଘାଜି ମାଲିକ (Ghazi Malik) ସିଂହାସନ ଆରୋହଣ କରିଥିଲେ (୧୩୨୦-୨୫) । ଏହା ପୂର୍ବରୁ ସେ ସଫଳତାର ସହିତ ମୋଙ୍ଗୋଲ ବିରୁଦ୍ଧରେ ସାମ୍ରାଜ୍ୟର ସୀମାକୁ ସଫଳତାର ସହିତ ରକ୍ଷା କରି ପ୍ରସିଦ୍ଧ ଲାଭ କରିଥିଲେ । ତୋଗଲକ୍‌ମାନେ ସାରା ଭାରତକୁ ଶାସନ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ଏହି ଲକ୍ଷ ହାସଲ ପାଇଁ ଗ୍ୟାସୁଦ୍ଦିନ (୧୩୨୦-୨୫) ଓ୍ୱାରଙ୍ଗଲ, ଓଡ଼ିଶା, ବଙ୍ଗଳା ବିରୁଦ୍ଧରେ ସୈନ୍ୟ ଚାଳନା କରିଥିଲେ । ଦିଲ୍ଲୀ ନିକଟରେ ସେ ତୋଗଲକାବାଦ ନାମକ ସହର ପ୍ରତିଷ୍ଠା କରିଥିଲେ । ବଙ୍ଗଳା ଅଭିଯାନରୁ ଫେରିଲା ପରେ ଦିଲ୍ଲୀ ନିକଟବର୍ତ୍ତୀ ଆଫଗାନପୁର ଠାରେ ଏକ କାଠ ମଞ୍ଚ ତାଙ୍କ ଉପରେ ଖସି ପଡ଼ିଥିଲା ଏବଂ ସେ ମୃତ୍ୟୁ ବରଣ କରିଥିଲେ । ମହମ୍ମଦ-ବିନ୍-ତୋଗଲକଙ୍କ(୧୩୨୫-୫୧)ଶାସନ କାଳରେ ସୁଲତାନେଟର ଉତ୍‌ଥାନର ଚରମ ସୀମାରେ ପହଞ୍ଚିବା ସହିତ ଏହାର ପତନ ମଧ୍ୟ ଆରମ୍ଭ ହୋଇଥିଲା । ଖ୍ରୀ:୧୨୯୬ରୁ ଖ୍ରୀ:୧୩୩୫ ମଧ୍ୟରେ କେବଳ ମାତ୍ର ଅନବରତ କେନ୍ଦ୍ରୀକରଣ ତଥା ସାମ୍ରାଜ୍ୟ ବିସ୍ତାର ଦୃଷ୍ଟି ଗୋଚର







ହୋଇଥିଲା । ଚତୁଃଦଶ ଶତାବ୍ଦୀରେ ଦିଲ୍ଲୀରେ ଶାସନ କରୁଥିବା ଫିରୋଜ ତୋଗଲକଙ୍କ ବିଷୟରେ ସମସାମୟିକ ଐତିହାସିକ ଜିଆ ଉଦ୍ଦିନ ବାରଣି (Zia-ud-din Barani) କହିଛନ୍ତି ଯେ, "ଇତିହାସ ହେଉଛି ବର୍ଷାନୁକ୍ରମେ ଘଟଣାମାନଙ୍କର ବିବରଣୀ ଯଥା:-ମହାପୁରୁଷ, ଖଳିଫା, ସୁଲତାନ ଏବଂ ଧର୍ମ ତଥା ରାଜନୀତି ସହିତ ଜଡ଼ିତ ପ୍ରସିଦ୍ଧ ଲୋକମାନଙ୍କର ଐତିହାସିକ ଅଭିଲେଖ (Historical Records) ଏବଂ ପରମ୍ପରାର ଜ୍ଞାନ ।" ତୈମୁର (Timur)ଙ୍କ ଭାରତ ଆକ୍ରମଣ ସଙ୍ଗେ ସଙ୍ଗେ ତୋଗଲକ ବଂଶର ପତନ ହୋଇଥିଲେ ମଧ୍ୟ ସୁଲତାନେଟ ପୂର୍ବ ସୁଲତାନେଟର କେବଳ ମାତ୍ର ଛାୟା ହିସାବରେ ବଞ୍ଚି ରହିଥିଲା । ତୈମୁରଙ୍କ ପ୍ରତିନିଧି ଦିଲ୍ଲୀ ଅଧିକାର କରି ନିଜକୁ ସୁଲତାନ ବୋଲି ଘୋଷଣା କଲେ ଏବଂ ଏହାଦ୍ୱାରା ଏକ ନୂତନ ସଇଦ୍ ବଂଶ (୧୪୧୪-୧୪୫୧) ସୁଲତାନେଟକୁ ପଞ୍ଚଦଶ ଶବ୍ଦର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଶାସନ କରିଥିଲା । ଉକ୍ତ ଶାସନ ଅଳ୍ପାୟୁ ଥିଲା ଏବଂ ଦିଲ୍ଲୀର ୨୦୦ ମାଇଲ ବ୍ୟାସାର୍ଦ୍ଧ ମଧ୍ୟରେ ସୀମିତ ଥିଲା । ଏକ ଅଧିକ ଯୋଗ୍ୟ ଲୋଧିବଂଶ ତାଙ୍କଠାରୁ ରାଜ୍ୟ ଭାର ଛଡ଼ାଇ ନେଇଥିଲେ । ଲୋଧିମାନେ ହେଉଛନ୍ତି ଶୁଦ୍ଧ ଆଫଗାନ ଜାତି ଏବଂ ସେମାନେ ତୁର୍କୀ ସମ୍ଭ୍ରାନ୍ତମାନଙ୍କର ପତନର କାରଣ ହୋଇଥିଲା ।

## ୩୧.୧ ପାଠଗତ ପ୍ରଶ୍ନ

ନିମ୍ନଲିଖିତ ବାକ୍ୟଗୁଡ଼ିକୁ ଠିକ୍ କରି ଆଉଥରେ ଲେଖ ।

୧. ୧୧୬୮ରେ ଘଜନୀବିୟଙ୍କ ମୂଳଉତ୍ପାଟନ କରିବା ପାଇଁ ମହମ୍ମଦ ଘୋରୀ ସିନ୍ଧୁ ଅବବାହିକାରେ ପ୍ରବେଶ କରିଥିଲେ ।

..............................................................................................

୨. ମହମ୍ମଦ ଘୋରୀଙ୍କ ସେନାବାହିନୀ ୧୧୫୭ରେ ମୁଲତାନ୍ ୧୧୨୮ରେ ସିନ୍ଧୁ ଏବଂ ୧୧୬୮ରେ ପେଶୱା ଏବଂ ଲାହୋର ଅଧିକାର କରିଥିଲେ ।

..............................................................................................

୩. ଇଲତୁତ୍‌ମିସ୍‌ଙ୍କୁ ଦକ୍ଷିଣ ଭାରତରେ ତୁର୍କୀ ବିଜପୁର ବାସ୍ତବିକ ନେତା ମାନିବା ଦରକାର ।

..............................................................................................

୪. ଦୁଇ ଗୋଷ୍ଠୀ ସଂଘର୍ଷ ପରେ ୧୨୦୯ ଖ୍ରୀ:ରେ ଜଲାଲୁଦ୍ଦିନ ଫିରୋଜ ଖିଲିଜୀ ସୁଲତାନେଟ ହାସଲ କରିଥିଲେ ।

..............................................................................................

୫. ୧୨୬୯ରେ ଜଲାଲୁଦ୍ଦିନ ଖିଲିଜୀଙ୍କ ମହତ୍ୱକାଂକ୍ଷୀ ପୁତୁରା ତଥା ଉତ୍ତରାଧିକାରୀ ଆଲ୍ଲା-ଉଦ୍ଦିନ-ଖିଲିଜୀଙ୍କ ଦ୍ୱାରା ତାଙ୍କର ହତ୍ୟା କରାଯାଇଥିଲା ।

..............................................................................................



ଟିପ୍ପଣୀ

## ୩୧.୩ ମୋଗଲ

୧୫୨୬ ଖ୍ରୀ:ରେ ମଧ୍ୟ ଏସିଆରୁ ଆସି ବାବର ଭାରତରେ ମୋଗଲ ବଂଶର ସ୍ଥାପନା କରିଥିଲେ। ବାବର ତୈମୁର ଏବଂ ଚେଙ୍ଗୀଜ ଖାଁ ଦୁଇ ଜଣଙ୍କର ଉତ୍ତରାଧିକାରୀ ବୋଲି ଘୋଷଣା କରିଥିଲେ। ଦକ୍ଷିଣ ଏସିଆରେ ଯୋଦ୍ଧା ଗୋଷ୍ଠୀର ଆବିର୍ଭାବ ହେବାର ଅନ୍ତିମ ପର୍ଯ୍ୟାୟ ପୂର୍ବରୁ ସେ ଦିଲ୍ଲୀ ଏବଂ ଗାଙ୍ଗେୟ ଉପତ୍ୟକା ଅଧିକାର କରିଥିଲେ । ଦକ୍ଷିଣଏସିଆର ଶ୍ରେଷ୍ଠ ସୁଲତାନ ଥିଲେ ମୋଗଲ ସମ୍ରାଟମାନେ । ସେମାନେ(କିଛି ଅଂଶରେ ବାବର ଏବଂ ତୈମୁରଙ୍କ ଆତୁ ତୁର୍କ ଥିଲେ) ପାରସ୍ୟର ରାଜକୀୟ ସଂସ୍କୃତି ଗ୍ରହଣ କରି ନିଜକୁ ତୁର୍କୀ, ଆଫଗାନ ଏବଂ ଅନ୍ୟ ସୁଲତାନଙ୍କଠାରୁ ନିଜକୁ ଉଚ୍ଚାସନରେ ପ୍ରତିଷ୍ଠିତ କରିବା ପାଇଁ ପାରସ୍ୟର "ପାଦଶାହା" ଉପାଧିରେ ଭୂଷିତ କରିଥିଲେ । ବାବର ଜଣେ ଛାଗତାଇ (Chagatai) ତୁର୍କ ବଂଶଜ । ସେ ଉଜ୍‌ବେଗ (Uzbeg) ସୈନ୍ୟ ବାହିନୀଠାରୁ ରକ୍ଷା ପାଇବାପାଇଁ ସମରକନ୍ଦ ନିକଟରେ ଥିବା ନିଜର ପୈତୃକ ଜମିକୁ ଛାଡି ପଳାଇଥିଲେ। ଗାଙ୍ଗେୟ ଉପତ୍ୟକାରେ ସୁଯୋଗକୁ ଅନୁସରଣକରି ତାଙ୍କର ବିରୋଧକୁ ଉଜ୍‌ବେଗ ଶୈଳୀରେ ବନ୍ଧୁକ ଏବଂ କମାଣ (canon) ରେ ସୁସଜ୍ଜିତ ଚଳଚଞ୍ଚଳ ଘୋଡାର ଉପଯୋଗ କରି ପରାସ୍ତ କରିଥିଲେ । ୧୫୨୬ରେ ସେ ପଞ୍ଜାବଠାରୁ ବଙ୍ଗଳା ପର୍ଯ୍ୟନ୍ତ ଥିବା ସୁଲତାନମାନଙ୍କୁ ପରାସ୍ତ କରିଥିଲେ ମଧ୍ୟ ସେମାନେ ବଞ୍ଚିରହିଥିଲେ । ତେର ବର୍ଷ ପରେ ଲୋଧି ତଥା ବାବରଙ୍କ ପାଇଁ ଲଢେଇ କରିଥିବା ଜଣେ ଆଫଗାନୀ ସୈ୍ୟନିକ ଜୈନପୁର (Jaunpur) ରେ ନିଜର ପାରସୀ ଶିକ୍ଷାର ପ୍ରଦର୍ଶନକରି ନିଜକୁ ଶେରଶାହା ରୂପେ ପରିଚିତ କରାଇ ବଙ୍ଗଳା ଏବଂ ବିହାରରେ ଏକ ନୂତନ ରାଜବଂଶର ଘୋଷଣା କରିଥିଲେ । ଶେରଶାହାଙ୍କ ସୈନ୍ୟ ବାବରଙ୍କ ପୁତ୍ର ହୁମାୟୁନଙ୍କୁ ପରାସ୍ତ କରିଥିଲେ । ଏଥିରେ ହୁମାୟୁନ ଆଫ୍‌ଗାନିସ୍ଥାନ ଫେରିଥିଲେ ଏବଂ ସେଠାରେ ହୁମାୟୁନ ନିର୍ବାସିତ ଅବସ୍ଥାରେ ନିଜର ପୁତ୍ର ଆକବରଙ୍କୁ ଲାଳନପାଳନ କରିଥିଲେ । ଉକ୍ତ ସୁରବଂଶ ଶେରଶାହାଙ୍କ ମୃତ୍ୟୁ ପରେ ତିଷ୍ଠି ପାରିନଥିଲା କିନ୍ତୁ ଏହାର ପ୍ରସାସନିକ ନୂତନତା (Innovative) ତଥା ବଙ୍ଗଳାରୁ ପଞ୍ଜାବ ପର୍ଯ୍ୟନ୍ତ ତିଆରି ହୋଇଥିବା ଗ୍ରାଣ୍ଡଟ୍ରଙ୍କ ରୋଡ ତାଙ୍କର ସ୍ଥାୟୀ ପାରଦର୍ଶତା ଅଟେ । ଶେରଶାହାଙ୍କ ଠିକ୍ ମୃତ୍ୟୁପରେ ହୁମାୟୁନ ୧୫୫୫ରେ ଦିଲ୍ଲୀ ଅଧିକାର କଲେ । ଖୁବଶୀଘ୍ର ଏକ ଦୁର୍ଘଟଣାରେ ସେ ପ୍ରାଣତ୍ୟାଗ କଲେ । ତାଙ୍କପରେ ତାଙ୍କର ୧୩ ବର୍ଷର ପୁତ୍ର ଆକବର ସିଂହାସନ ଆରୋହଣକରି ବୈରାମ ଖାଁଙ୍କ ରାଜ ପ୍ରତିନିଧିତ୍ୱରେ ଶାସନ ପରିଚାଳନାକଲେ । ଆକବରଙ୍କ ରାଜ୍ୟାଭିଷେକ ୧୫୫୬ରେ ହୋଇଥିଲା ଯେବେ ବୈରାମ ଖାଁ ସୈନ୍ୟ ସନ୍ନିବେଶିତ ଗଡଥିବା ଲାହୋର, ଦିଲ୍ଲୀ, ଆଗ୍ରା ଓ ଜୈନପୁର ସହରକୁ ଜୟ କରିଥିଲେ । ବୈରାମ ଖାଁଙ୍କ ରାଜ ପ୍ରତିନିଧି ପଦରୁ ହଟାଇବା ତଥା ହତ୍ୟା କରାଯିବା ପୂର୍ବରୁ ସେ ମାଳବ ଏବଂ ରାଜସ୍ଥାନ ମଧ୍ୟ ଅଧିକାର କରିଥିଲେ । ଆକବର ୫୦ ବର୍ଷ ଶାସନ କରିଥିଲେ(୧୫୫୬-୧୬୦୫) । ସେ ଶେଷପର୍ଯ୍ୟନ୍ତ ରାଜ୍ୟଜୟ ବଜାଇରଖିଥିଲେ । ତାଙ୍କର ସୈନ୍ୟବାହିନୀର ବିଶାଳତା, ଆର୍ଥିକସ୍ଥିତି (Funding) ନେତୃତ୍ୱ, ପ୍ରଯୋଗବିଦ୍ୟା (Technology) ତଥା ସଫଳତା ପୂର୍ବର ସମସ୍ତ ସୈନ୍ୟବାହିନୀକୁ ପଛରେ ପକାଇ ଦେଇଥିଲା । ତାଙ୍କର ମୃତ୍ୟୁବେଳକୁ ତାଙ୍କର ସାମ୍ରାଜ୍ୟ କାବୁଲ, କାଶ୍ମୀର ଓ ପଞ୍ଜାବଠାରୁ ଗୁଜୁରାଟ, ବଙ୍ଗଳା ଓ ଆସାମ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା ଏବଂ ଦକ୍ଷିଣରେ ବୃଦ୍ଧି ସହିତ ସମସ୍ତ ଦିଗରେ ଉଚ୍ଚ ପର୍ବତ ଆଡକୁ ବଢୁଥିଲା । ତାଙ୍କର ରାଜ ମୁକୁଟ ପୁତ୍ର ଜାହାଙ୍ଗୀର (୧୬୦୫-୧୬୨୭), ପୌତ୍ର ଶାହାଜାହାନ୍ (୧୬୨୭-୧୬୫୮) ଏବଂ ଅଣନାତି



ଟିପ୍ପଣୀ

ଆଓରଙ୍ଗଜେବଙ୍କ (୧୬୫୮-୧୭୦୭) ପର୍ଯ୍ୟନ୍ତ ପହଞ୍ଚିଥିଲା । ଯାହାର ମୃତ୍ୟୁ ପରେ ପରେ ମୋଗଲ ସାମ୍ରାଜ୍ୟ ସମାପ୍ତ ହୋଇଥିଲା, ଯଦିଓ ଉକ୍ତ ବଂଶ ୧୮୫୮ ପର୍ଯ୍ୟନ୍ତ ବଞ୍ଚିରହିଥିଲା ଇଂରେଜ ସରକାର ଏହାକୁ ଗାଦିଚ୍ୟୁତ କରିଥଲେ। ମୋଗଲ ସାମ୍ରାଜ୍ୟ ତାର ଚରମ ଅବସ୍ଥାରେ ଭାରତ ଇତିହାସରେ ଅଭୂତପୂର୍ବ ସମ୍ବଳର ଅଧିକାରୀ ହୋଇଥିବା ସଂଗେ ସଂଗେ ସାରା ଉପମହାଦେଶରେ ବିସ୍ତାର ଲାଭ କରିଥିଲା । ୧୫୫୬ ରୁ ୧୭୦୭ ମଧ୍ୟରେ ନିଜର ଆଶ୍ଚର୍ଯ୍ୟ ଜନକ ଧନସମ୍ପଦ, ଗୌରବର ଚରମ ଉନ୍ନତି ସମୟରେ ମୋଗଲ ସାମ୍ରାଜ୍ୟ ଏକ ପର୍ଯ୍ୟାପ୍ତ ସକ୍ଷମ ଏବଂ କେନ୍ଦ୍ରୀଭୂତ ସଂଗଠନ ଥିଲା । ଏହାର କର୍ମଚାରୀବୃନ୍ଦ, ଧନ, ଏବଂ ସୂଚନାର ଏକ ବିଶାଳ ଜଟିଳତା ମୋଗଲ ସମ୍ରାଟ ଏବଂ ତାଙ୍କର ଗୁପ୍ତ ସମ୍ଭ୍ରାନ୍ତ ବର୍ଗଙ୍କ ପାଇଁ ସମର୍ପିତ ଥିଲା ।

ଉକ୍ତ ସମୟର ମାତ୍ରାଧିକ ସାମ୍ରାଜ୍ୟ ବିସ୍ତାର ଭାରତର ବାହାର ଦୁନିଆ ସହିତ କ୍ରମ ବର୍ଦ୍ଧିଷ୍ଣୁ ବ୍ୟବସାୟୀକ ତଥା ସାଂସ୍କୃତିକ ସମ୍ପର୍କ ଉପରେ ନିର୍ଭର କରୁଥିଲା । ଷୋଡଷ ଏବଂ ସପ୍ତଦଶ ଶତାବ୍ଦୀରେ ମୁଖ୍ୟତ ବିଦେଶରେ ଚାହିଦା ଥିବା ଭାରତୀୟ ଦ୍ରବ୍ୟଗୁଡିକୁ ସଂଗ୍ରହ କରିବାପାଇଁ ଭାରତୀୟ ଉପମହାଦେଶରେ ୟୁରୋପୀୟ ତଥା ଅଣ-ୟୁରୋପୀୟ ବାଣିଜ୍ୟିକ ସଂଗଠନ ଗୁଡିକର ସ୍ଥାପନା ତଥା ବିସ୍ତାର ହୋଇଥିଲା । ଭାରତୀୟ ଅଞ୍ଚଳଗୁଡିକ ସ୍ଥଳପଥ ତଥା ଉପକୂଳବର୍ତ୍ତୀ ଜଳପଥ ମାଧ୍ୟମରେ ଚାଲିଥିବା ବ୍ୟାପକ ବାଣିଜ୍ୟବ୍ୟାପର ଦ୍ୱାରା ପରସ୍ପର ସହିତ ଆବଦ୍ଧ ହୋଇ ରହୁଥିଲେ । ଏହାଦ୍ୱାରା ଦେଶ ମଧ୍ୟରେ ମୂଲ୍ୟବାନ ଧାତୁର ପ୍ରାଚୁର୍ଯ୍ୟ ଦେଖାଦେଇଥିଲ । ବ୍ୟାପକ ବିଶ୍ୱ ସହିତ ସମ୍ପର୍କ ବୃଦ୍ଧିହେତୁ ନୂତନ ବିଚାରଧାରା ତଥା ପ୍ରଯୋଗାତ୍ମକ ବିଦ୍ୟାର ପ୍ରସାର ହେବା ସଂଗେ ସଂଗେ ରାଜକୀୟ ଢାଞ୍ଚାକୁ ଦୋଷାରୋପ (Challenge) କରିବା ସହିତ ସମୃଦ୍ଧ ମଧ୍ୟ କରିଥିଲା। କିନ୍ତୁ ସାମ୍ରାଜ୍ୟ ଆପଣା କୃତଭାବେ ଏକ ବିଶୁଦ୍ଧ ଐତିହାସିକ ଅନୁଭବ ଥିଲା । ମୋଗଲ ସଂସ୍କୃତି ପାରସିକ, ଇସଲାମୀୟ ତଥା ସ୍ଥାନୀୟ ଭାରତୀୟ ତତ୍ୱର ମିଶ୍ରିଣରେ ଏକ ସ୍ୱତନ୍ତ୍ର ଅନ୍ୟଠାରୁ ବାରିହୋଇ ପଡୁଥିବା ଏକ ବିଚିତ୍ର ସଂସ୍କୃତି (Variegated) । ଅଷ୍ଟାଦଶ ଶତାବ୍ଦୀର ପ୍ରାରମ୍ଭରେ କେତେକ ଅଞ୍ଚଳ ନିଜନିଜର ସ୍ୱାଧୀନତା ସ୍ଥାପନ ପାଇଁ ଚେଷ୍ଟା ଆରମ୍ଭ କରିଥିଲେ । ସେ ସମୟରେ ମୋଗଲ କେନ୍ଦ୍ରୀୟ ସରକାରଙ୍କ ଅସ୍ତିତ୍ୱ ନଥିଲା । ମୋଗଲ ସାମ୍ରାଜ୍ୟର କେନ୍ଦ୍ର ସରକାର ମୋଗଲ ସମ୍ରାଟଙ୍କ ନିର୍ଦ୍ଦେଶରେ ପ୍ରାୟ ଦୁଇ ଶହ ବର୍ଷରୁ ଅଧିକ କାଳ(୧୫୨୬-୧୭୪୭) ପରିଚାଳିତ ହେଉଥିଲା । ଏହି ବ୍ୟବସ୍ଥା ଭାରତ ଉପମହାଦେଶରେ ପୂର୍ବ-ଆଧୁନିକ ରାଷ୍ଟ୍ର (Pre-modern-state) ନିର୍ମାଣପାଇଁ ଏକ ମନମୁଗ୍ଧକର ଦୃଷ୍ଟାନ୍ତ ଅଟେ।

## ୩୧.୪ ମଧ୍ୟକାଳୀନ ରାଷ୍ଟ୍ରର ସ୍ୱରୂପ (Nature of medical state)

ସୁଲତାନ ହୋବାର ଅର୍ଥ କଣ ? କୋରାନରେ ଏହାର ଅର୍ଥ ହେଲା ଆଧ୍ୟାତ୍ମିକ ଶକ୍ତି ବିଶିଷ୍ଟ ବ୍ୟକ୍ତି । ମାମୁଦ ଗଜନୀ ତାଙ୍କର ସମକାଳୀନ ମାନଙ୍କ ଦ୍ୱାରା ସୁଲତାନ କୁହାଯାଉଥିବା ପ୍ରଥମ ବ୍ୟକ୍ତି ଅଟନ୍ତି । ଏହା ନିଜର ପ୍ରଶଂସକ ମାନଙ୍କ ମଧ୍ୟରେ ତାଙ୍କର ସଫଳତାର ସୂଚନା ପ୍ରଦାନ କରୁଥିଲା । ଉକ୍ତ ପଦବୀ ତୁର୍କମାନଙ୍କ ମଧ୍ୟରେ ପ୍ରଥମେ ଲୋକପ୍ରିୟ ହୋଇଥିଲା । ପଶ୍ଚିମ ଏବଂ କେନ୍ଦ୍ରୀୟ ଏସିଆର ସେଲ୍‌ଜୁକ୍ (Seljuq) ବଂଶ ଏହି ପଦବୀକୁ ନିୟମିତଭାବେ ବ୍ୟବହାର କରୁଥଲେ ତାପରେ ଅଟ୍ଟୋମାନ୍ ତୁର୍କମାନେ ଏହାକୁ ୟୁରୋପରେ ପ୍ରସିଦ୍ଧ କରିଥିଲେ । ଖଲିପା ଉକ୍ତ ପଦବୀକୁ ଅର୍ପଣ କରିବା ମୁସଲମାନ ଶାସକମାନଙ୍କ ମଧ୍ୟରେ ଲୋକପ୍ରିୟ ହୋଇଥିଲା ଏବଂ ସମୟାନୁକ୍ରମେ ପରିବର୍ତ୍ତିତ ହୋଇଥିଲା । ଦିଲ୍ଲୀର ସୁଲତାନମାନେ ବାଗଦାଦ୍‌ର ଖଲିପାଙ୍କ



ଟିପ୍ପଣୀ

ସାର୍ବଭୌମତ୍ୱକୁ ସ୍ୱୀକାର କରିଥିଲେ ଏବଂ ନିଜ ନିଜର ସାମ୍ରାଜ୍ୟକୁ ଦର-ଉଲ-ଇସ୍‌ଲାମ୍ (Dar-ul-islam) ର ଏକ ଅଂଶବିଶେଷ ବୋଲି ବିବେଚନା କରୁଥିଲେ ଯାହାର ନ୍ୟାୟପାଳିକାର ମୁଖ୍ୟ ହିସାବରେ ଖଲିପା ଅବସ୍ଥାପିତ ହୋଇଥିଲେ । ମୋଗଲ ସମ୍ରାଟମାନଙ୍କ ଅଧିନରେ ଭାରତ ମୁସଲମାନ ନିୟମ ଶରିୟତ୍ (Sharia) ଦ୍ୱାରା ଶାସିତ ହେଉଥିଲା । ଦିଲ୍ଲୀର ସୁଲତାନମାନଙ୍କ ଅମଳରେ ତଥା ମୋଗଲ ସମ୍ରାଟମାନଙ୍କ ଶାସନକାଳରେ ମୁସଲମାନ ଅଧ୍ୟାଦେଶଗୁଡ଼ିକୁ ପୁରାପୁରି ଭାବରେ ପାଳନ କରୁନଥିଲେ କାରଣ ବାସ୍ତବିକତାକୁ ଦୃଷ୍ଟିରେ ରଖି ନିଜକୁ ପରିଚାଳନ କରିବାକୁ ପଡୁଥିଲା ତଥା ଏଗୁଡ଼ିକ ସର୍ବଦା ଠିକ୍ ନଥିଲା । ଭାରତର ତୁର୍କୀ ଏବଂ ଆଫଗାନ ଶାସନମାନେ ଭାରତର ସଂଖ୍ୟାଗରିଷ୍ଠ ହିନ୍ଦୁମାନଙ୍କୁ ସମ୍ମାନ ତଥା ସହନଶୀଳତାର ସହିତ ବିବେଚନା କରିବାକୁ ପଡୁଥିଲା । ଧର୍ମ, ସମ୍ପତ୍ତି ଏବଂ କେତେକ ଅଣ-ଧାର୍ମିକ ବ୍ୟାପାରରେ ଅଣମୁସଲମାନ ମାନଙ୍କୁ ନିଜର ମୋକଦ୍ଦମାକୁ ନିଜନିଜର ସାଂପ୍ରଦାୟିକ ଅଦାଲତରେ ବିଚାର କରାଇବା ପାଇଁ ପୂର୍ଣ୍ଣସ୍ୱାଧୀନତା ପ୍ରଦାନ କରାଯାଇଥିଲା । ସୁଲତାନ ଅମଳର ଭୂ-ରାଜସ୍ୱବ୍ୟବସ୍ଥା, ପୂଜାଅର୍ଚ୍ଚନା ଓ ଧର୍ମାନୁଷ୍ଠାନ ତଥା ରାଜ ଦରବାରର କର୍ମପଦ୍ଧତି ଭାରତୀୟ ପରମ୍ପରାର ଜ୍ୱଳନ୍ତ ଉଦାହରଣ । ପ୍ରଶ୍ନ ଆସିପାରେ ଯେ ମଧ୍ୟଯୁଗୀୟ ଭାରତୀୟ ରାଷ୍ଟ୍ରକୁ ପୁରୋହିତମାନେ ଶାସନ କରୁଥିଲେ କି ? ମୁସଲମାନ ଶାସନାଧିନ ମଧ୍ୟଯୁଗୀୟ ରାଷ୍ଟ୍ରଗୁଡ଼ିକ ଧର୍ମତାନ୍ତ୍ରିକ ଥିଲା କାରଣ ସେଥିରେ ଏହାର ସମସ୍ତ ଅନିବାର୍ଯ୍ୟ ହିଁ ରହିଥିଲା । ଯଥା:- ଇଶ୍ୱରଙ୍କ ସାର୍ବଭୌମତା, ତଥା ଦୈବୀ ଆଇନ ଅନୁସାରେ ଈଶ୍ୱରଙ୍କ ନିର୍ଦ୍ଦେଶରେ ସରକାରଙ୍କ ପରିଚାଳନା ଦିଲ୍ଲୀର ସୁଲତାନମାନେ ନିଜକୁ ଖଲିପାଙ୍କ ପ୍ରତିନିଧି ଅଥବା ସହାୟକ ବୋଲି କହୁଥିଲେ ଯେ କି ଈଶ୍ୱରଙ୍କର ପ୍ରତିନିଧିତ୍ୱ ଥିଲେ । ଶେରଶାହା ଏବଂ ଇସ୍‌ଲାମ୍‌ଶାହା ଖଲିପାଙ୍କ ଉପାଧି ଧାରଣ କରିଥିଲେ । ଆକବରଙ୍କ ଠାରୁ ଆଉରଙ୍ଗଜେବ ପର୍ଯ୍ୟନ୍ତ ମୋଗଲ ସମ୍ରାଟମାନେ "ଭଗବାନଙ୍କର ଛାୟା" ଏବଂ "ପୃଥିବୀରେ ଭଗବାନଙ୍କର ପ୍ରତିନିଧି" ଭଳି ପଦବୀମାନ ଧାରଣ କରିଥିଲେ ଈଶ୍ୱରଙ୍କର ସାର୍ବଭୌମତ୍ୱ ଅସନ୍ଦିଗ୍ଧ ଥିଲା । ସାରିୟତର ପ୍ରାଧାନ୍ୟକୁ ସଦାସର୍ବଦା ସ୍ୱୀକାର କରାଯାଉଥିଲା । କିନ୍ତୁ ଆକବର ସାରିୟତର ସହିତ ରାଷ୍ଟ୍ର ନିୟମକୁ ଯୋଡି ଦେଇଥିଲେ । ଏହାସତ୍ତ୍ୱେ ଉକ୍ତ ଶାସକମାନେ ମୁସଲମାନ ଧର୍ମଗୁରୁଙ୍କୁ ରାଷ୍ଟ୍ରର ନିୟମ ତିଆରି କରିବାପାଇଁ ଅନୁମତି ଦେଇନଥିଲେ ।

ମୁଖ୍ୟତଃ ସୁରକ୍ଷା, ଆଇନଶୃଙ୍ଖଳା ପରିସ୍ଥିତି ଏବଂ ରାଜସ୍ୱ ଆଦାୟ ସୁଲତାନଙ୍କ ପ୍ରାଥମିକ ଚିନ୍ତାର ବିଷୟ ଥିଲା । ଅନ୍ୟାନ୍ୟ ବ୍ୟାପାରରେ ସେ ସାଧାରଣତଃ ହସ୍ତକ୍ଷେପ କରୁନଥିଲେ କାରଣ ଜନକଲ୍ୟାଣ ହିଁ ସୁଲତାନଙ୍କ ପ୍ରାଥମିକ ଉଦ୍ଦେଶ୍ୟ ନଥିଲା । ସୁଲତାନଙ୍କ ଶାସନକାଳରେ ସହନଶୀଳତା ଏକ ନିୟମ ନହୋଇ ବ୍ୟତିକ୍ରମ ହୋଇଥିଲା । ଏହାକୁ ଇସ୍‌ଲମିୟ ରାଷ୍ଟ୍ର ବୋଲି ଘୋଷଣା କରୁଥିବା ବେଳେ ଦିଲ୍ଲୀ ସୁଲତାନେଟର ରାଷ୍ଟ୍ର ଏକ ସୈନ୍ୟବାଦୀ ଏବଂ ଅଭିଜାତ ତାନ୍ତ୍ରିକ (aristocratic) ଥିଲା । ଏହାର ବିପରିତରେ ମୋଗଲ ସାମ୍ରାଜ୍ୟ ଏକ ସମ୍ପୂର୍ଣ୍ଣ ଅଲଗା ସ୍ଥାନରେ ଦଣ୍ଡାୟମାନ ହୋଇଥିଲା । ସହନଶୀଳତା ତଥା ଦୟା ତାଙ୍କ ଶାସନର ପଥପ୍ରଦର୍ଶକ ଥିଲା । ଆକବର ନିଜ ପ୍ରଜାଙ୍କୁ ନିଜର ପୁତ୍ର ବୋଲି ବିବେଚନା କରୁଥିଲେ ତେଣୁ ତାଙ୍କର ମଙ୍ଗଳପାଇଁ ସଦାସର୍ବଦା ନିଜର ଦାୟୀତ୍ୱ ବୋଲି ବିବେଚନା କରୁଥିଲେ । ଆବୁଲଫାଜଲଙ୍କ ଦ୍ୱାରା ପରିକଳ୍ପିତ ତଥା ଆକବରଙ୍କ ଦ୍ୱାରା ସ୍ଥାପିତ ରାଷ୍ଟ୍ର କୌଣସି ଏକ ବିଶେଷ ବର୍ଗ ପାଇଁ ସୀମିତ ନଥିଲା ଏବଂ ଏହା "ସମସ୍ତେ ସୁଖି ଭବନ୍ତୁ" ନିୟମ ଉପରେ ପର୍ଯ୍ୟବେଶିତ ହୋଇଥିଲା । ଆକବରଙ୍କ ବୌଦ୍ଧିକ (enlightened) ନୀତି ସତ୍ତ୍ୱେ ଏବଂ ଜାହାଙ୍ଗୀର ତଥା



ଟିପ୍ପଣୀ



ସାହାଜାହାନଙ୍କ ସମୟରେ ପାରିପାର୍ଶ୍ୱିକ ଅବ୍ୟସ୍ଥା ଦ୍ୱାରା ଏହା ପ୍ରଚଳିତ ଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବାପାଇଁ ମୋଗଲ ସମ୍ରାଟମାନେ ଦୟାଳୁ ତଥା ଉଦାର ପ୍ରକୃତିର ହେଲେ ମଧ୍ୟ ମୋଗଲ ରାଷ୍ଟ୍ର ଏକ କଲ୍ୟାଣକାରୀ ହୋଇପାରି ନଥିଲା । ବଳପୂର୍ବକ ଭୂ-ରାଜସ୍ୱ ଆଦାୟ ତଥା ସୁରକ୍ଷା ଏହାର ମୁଖ୍ୟ କାର୍ଯ୍ୟ ଥିଲା । ସରକାରଙ୍କ ସ୍ୱରୂପ ରାଜତନ୍ତ୍ର ଥିଲା ଏବଂ ତାହା ପୁରୁଷାନୁକ୍ରମିକ ହୋଇଥିଲେ ମଧ୍ୟ ଏକ ଉତ୍ତରାଧିକାରୀ ସତ୍ୱ ଆଇନକୁ ରୂପରେଖ ଦେଇ ପାରିନଥିଲେ । ସିଦ୍ଧାନ୍ତ ଅନୁସାରେ ରାଜା ସକଳ କ୍ଷମତାର ଉତ୍ସ ହେଲେ ମଧ୍ୟ, ଶାସକଙ୍କ ଦୋଷ ଦୁର୍ବଳତା ସମ୍ଭ୍ରାନ୍ତ ତଥା ଉଲେମା ମାନଙ୍କୁ ରାଜାଙ୍କକ୍ଷମତାକୁ ନିୟନ୍ତ୍ରଣ କରିବାରେ ସୁଯୋଗ ପ୍ରଦାନ କରୁଥିଲା ।

### ୩୧.୨ ପାଠଗତ ପ୍ରଶ୍ନ ଶୂନ୍ୟସ୍ଥାନ ପୂରଣ କର ।

୧. ବାବର__________ ଏବଂ__________ ଦ୍ୱୟଙ୍କର ଉତ୍ତରାଧିକାରୀ ଥିଲେ ।

.....................................................................................

୨. ଶେରଶାହାଙ୍କ ମୃତ୍ୟୁପରେ ହୁମାୟୁନ__________ ଦିଲ୍ଲୀ ଅଧିକାର କରିଥିଲେ ।

.....................................................................................

୩. ୧୫୫୬ ଖ୍ରୀ: ରୁ ନିଜର ଆଶ୍ଚର୍ଯ୍ୟଜନକ ଧନ-ସମ୍ପଦ ଏବଂ ଗୌରବର ଶୀର୍ଷସ୍ଥାନରେ ଥିବାବେଳେ ସାମ୍ରାଜ୍ୟ ଏକ __________ଏବଂ__________ ସଂଗଠନ ଥିଲା ।

.....................................................................................

୪. __________ସାମ୍ରାଜ୍ୟ ପରି ଭାରତ ମୁସଲମାନ ଆଇନ__________ ଦ୍ୱାରା ଶାସିତ ହେଉଥିଲେ ।

.....................................................................................

### ୩୧.୫ ରାଜପଣ (Kingship)

ଯେ କୌଣସି ପଦବୀ ଧାରଣ କଲେ ମଧ୍ୟ ରାଜା ହେଉଛନ୍ତି ଏକ ମହାନ ବ୍ୟକ୍ତିତ୍ୱର ଅଧିକାରୀ ଯେ କି କେବଳ ସେନାଧ୍ୟକ୍ଷ ରୁପରେ ନୁହେଁ ବରଂ ଜଣେ ଆଧ୍ୟାତ୍ମିକ ଏବଂ ନୈତିକ ବ୍ୟକ୍ତି ହିସାବରେ ଜଣାଯାଇଥାଆନ୍ତି । ସଂଜ୍ଞା ଅନୁସାରେ ସେ ଜଣେ ସଂସ୍କୃତିବାନ ପୁରୁଷ ଏବଂ ତାଙ୍କର ଯୁଦ୍ଧଗୁଡିକ ସୁସଭ୍ୟକରଣ (civilizing) ପାଇଁ ଉଦ୍ଦିଷ୍ଟ ଥିଲେ ମଧ୍ୟ ଏହାର ପ୍ରଚଳିତ ଅର୍ଥ ଭିନ୍ନଭାବରେ ପରିବର୍ତ୍ତିତ ହୋଇ ଯାଇଥିଲା । ସୁଲତାନଙ୍କ ମହିମା ତାଙ୍କ ପାଖାପାଖି ଲୋକଙ୍କ କାର୍ଯ୍ୟକଳାପରୁ ଜଣାପଡୁଥିଲା । ସମ୍ରାଟଙ୍କୁ ସର୍ବଶ୍ରେଷ୍ଠ ରୂପେ ରୂପାନ୍ତରିତ କରିବା ମୁଖ୍ୟତଃ କବି, ବିଦ୍ୱାନ, ବାସ୍ତୁକାର, ଇତିହାସକାର (chronicler), ଜୀବନୀ ଲେଖକ, ଆଧ୍ୟାତ୍ମିକ ମାର୍ଗଦର୍ଶୀ (sufis) ଏବଂ ସମସ୍ତକ୍ଷେତ୍ରରେ ଅନିବାର୍ଯ୍ୟ ରୂପରେ ବିଦ୍ୟମାନ ଜାମା ମସ୍‌ଜିଦର ଶୁକ୍ରବାରର ସାମୁହିକ ପ୍ରାର୍ଥନାର ପରିଚାଳକ ମାନଙ୍କର କାର୍ଯ୍ୟ ଥିଲା । ସୁଲତାନଙ୍କୁ ମହିମା ମଣ୍ଡିତ କରିବା ପାଇଁ ତଥା ତାଙ୍କର ଅନୁଗ୍ରହ ଲାଭକରିବା ପାଇଁ କୁଶଳୀ ସେବା ପ୍ରଦାନକାରୀ ତଥା ସଂସ୍କୃତିକାର (Cultural Activities) ମାନେ ପ୍ରତିଦ୍ୱନ୍ଦିତାରେ ଓହ୍ଲାଇଥାଆନ୍ତି । ଏହାର ପରିମାଣ ସ୍ୱରୁପ



ଟିପ୍ପଣୀ

ସୁଲତାନଙ୍କର ବ୍ୟକ୍ତତ୍ୱ ପ୍ରସଙ୍ଗାନୁସାରେ ପ୍ରକଟ (emerge) ହେଉଥିଲା । ତାଙ୍କୁ ପରିବେଷ୍ଟିତ କରିଥିବା ବିଶେଷ ତଥା ସହାୟକମାନେ ତାଙ୍କର ରାୟ, ନୀତି ଏବଂ ପ୍ରାଥମିକତାଗୁଡିକର ରୁପରେଖ ତିଆରି କରୁଥିଲେ । ନିଜର କ୍ଷମତା ଲୋକଙ୍କ କ୍ଷମତା ଉପରେ ନିର୍ଭର କରୁଥିବାରୁ ସେ ସଦାସର୍ବଦା ଲୋକଙ୍କପ୍ରତି ବିଶେଷ ଧ୍ୟାନ ଦେଉଥିଲେ । ଏପରି ଭାବରେ ରାଜାଙ୍କର କ୍ଷମତାର ସାମାଜିକ ସଂଗଠନ ରାଜସିଂହସନର ଅନ୍ୟ ଦିଗକୁ ମଧ୍ୟ ବ୍ୟାପି ଯାଇଥିଲା । ମାମୁଦ ଗଜନୀ ଭଳି ପ୍ରାରମ୍ଭିକ ସୁଲତାନ ପୁରାପୁରି ଭାବରେ ନିଜର ରକ୍ତଗତ ସମ୍ପର୍କୀୟ ତଥା ନିକଟ ସମ୍ପର୍କୀୟ ସ୍ୱଜାତୀୟମାନଙ୍କ ଉପରେ ନିର୍ଭର କରୁଥିଲେ । ରାଜନୈତିକ ପରିଦୃଶ୍ୟ ଅଧିକ ଜଟିଳ ହେବାରୁ ଅତ୍ୟଧିକ ଜଟିଳ ବ୍ୟକ୍ତିମାନଙ୍କର ବିକସିତ ହୋଇଥିଲା ଏବଂ ମୋଗଲ ଶାସନ ସମୟରେ ଏହାର ଆନୁପାତିକ ଅଂଶ ଆହୁରି ବ୍ୟାପକ ହୋଇଥିଲା । ସୁଲତାନଙ୍କ ଅଙ୍ଗ, କଥାବାର୍ତ୍ତା, ଧାର୍ମିକଶ୍ରଦ୍ଧା, ନିଜର ଅଭ୍ୟାସ, ବ୍ୟସନ (hobbies), ପରିବାର, ଗୃହସ୍ଥ (Household), ପୂର୍ବପୁରୁଷ, ପତ୍ନୀମାନେ, ପୁତ୍ର ଏବଂ ଶଶ୍ବୁର (father-in-laws) ଇତ୍ୟାଦି ତାଙ୍କର ସାର୍ବଜିନିକ ପରିଚୟର ଆନ୍ତରିକ ଅଙ୍ଗ ଥିଲା ଏବଂ ଏଟୁଡିକ ସାର୍ବଜନୀନ ଗପସପ, କଳା, କାହାଣୀ ସଂଗୀତ, ଏବଂ ଇତିବୃତ୍ତିରେ ସ୍ଥାନ ପାଉଥିଲା ।

## ୩୧.୬ ରାଜକୀୟ ଦରବାର Royal Court

ସୁଲତାନଙ୍କ ସାର୍ବଜନୀନ ବ୍ୟକ୍ତିତ୍ୱର ଦୈନିକ ପ୍ରଦର୍ଶନ ନିଜ ଦରବାରରେ ହେଉଥିଲା । ଏଠାରେ ସେ ଆମନ୍ତ୍ରିତ ଅତିଥି, ରାଷ୍ଟ୍ରଦୂତ, ବିନୀତ ପ୍ରାର୍ଥନାକାରୀ (supplicants), ସହାୟକ, ଏବଂ କର ତଥା ଉପହାର ଦେବା ବ୍ୟକ୍ତିଙ୍କୁ ସ୍ୱାଗତ ଜଣାଇ ତାଙ୍କ କଥା ଶୁଣୁ ଥିଲେ । ଉକ୍ତ ଦରବାରୀ ପରମ୍ପରା ସମୟ ସହିତ ବିକସିତ ହୋଇଥିଲା । ମଧ୍ୟ ଏସିଆରୁ ଆରମ୍ଭ ହୋଇ ଏହା ପ୍ରଥମେ ଯୁଦ୍ଧଭୂମିର ଏକ ରାଜକୀୟ ତମ୍ବୁ ଶିବିରର ରୁପ ନେଇଥିଲା । ପରବର୍ତ୍ତୀ ଶତାବ୍ଦୀରେ ଏହା ବାସ୍ତୁଶିଳ୍ପୀୟ ମହିମା ହାସଲ କରିଥିଲା ଏବଂ ଫତେପୁର ସିକ୍ରୀ, ଆଗ୍ରା ଏବଂ ଦିଲ୍ଲୀ ଭଳି ଦୁର୍ଗ ଥିବା ସହର ସୃଷ୍ଟି ହୋଇଥିଲା ସହର ଏବଂ ଯାହାର ଦରବାରରେ ସମ୍ରାଟଙ୍କ ଉପସ୍ଥିତି ଏବଂ କାର୍ଯ୍ୟ ସମ୍ପାଦନ ପାଇଁ ଏକ ବିଶାଳ ମଞ୍ଚ ଥିଲା । ଦରବାରଗୁଡ଼ିକର ନିର୍ମାଣ ଶୈଳିରେ ହିନ୍ଦୁ ଏବଂ ମୁସଲିମ ପରମ୍ପରା ସମ୍ମିଳିତ ହୋଇଥିଲା । ଅଷ୍ଟାଦଶ ଶତାବ୍ଦୀର ଏକ ଚିତ୍ରରୁ ଦରବାରର ଦୃଶ୍ୟକୁ ବିସ୍ତୃତ ରୂପେ ଚିତ୍ରିତ କରାଯାଇଛି ଯାହା ସହିତ ମୋଗଲ ସମ୍ରାଟ ଶାହାଜାହାନଙ୍କ ଇତିବୃତ୍ତି ସପ୍ତଦଶ ଶତାବ୍ଦୀର ପାଦଶାହାନାମ ମଧ୍ୟ ଜଡ଼ିତ । ଉକ୍ତ ଚିତ୍ରରେ ଝୁଲୁଥିବା କମ୍ବଳ ଚିତ୍ରିତ ହୋଇଅଛି ଯାହାକୁ ଦରବାରର ଭ୍ରମଣଶୀଳ ପରମ୍ପରାକୁ ମନେ ପକାଇ ଦେଉଛି । ଏଥିରେ ଚିତ୍ରିତ ପ୍ରତ୍ୟେକ ବ୍ୟକ୍ତିଙ୍କର ଦରବାରରେ ଏକ ସ୍ୱତନ୍ତ୍ର ପଦମର୍ଯ୍ୟାଦା ତଥା ସମ୍ରାଟଙ୍କ ସହିତ ସମ୍ପର୍କ ଥିଲା । ସୁଲତାନଙ୍କ ସମ୍ପର୍କ ଦ୍ୱାରା ପରିଭାଷିତ ହୋଇଥିବା ସମସ୍ତ ପରିଚୟ (Identity) ପାଇଁ ସାର୍ବଜନିକ ପ୍ରଦର୍ଶନର ସ୍ଥାନ ଦରବାର ହୋଇଥିଲା । ନିଜ ସାମ୍ରାଜ୍ୟ ସହିତ ଜଡ଼ିତ ବିଭିନ୍ନ ପ୍ରକାରର ସମସ୍ତ କ୍ଷମତାଶାଳୀ ବ୍ୟକ୍ତିତ୍ୱଗୁଡ଼ିକର ପ୍ରଦର୍ଶନ ପାଇଁ ସୁଲତାନ ସର୍ବଦା ନିଜ ଦରବାରକୁ ନିଜ ଗସ୍ତ ସ୍ଥଳୀକୁ ନେଇ ଯାଉଥିଲେ । ମୁଖ୍ୟତଃ ଯୁଦ୍ଧ ସମୟରେ ଦରବାରର ଅଧିକାଂଶ ସମୟ ଯିବା ଆସିବାରେ କଟି ଯାଉଥିଲା । ଶାସକମାନଙ୍କର ଭ୍ରମଣଶୀଳ ଦରବାର ଏକ ସ୍ଥାୟୀ ସାଂସ୍କୃତିକ ବିଶେଷତା ହୋଇ ଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଭ୍ରମଣଶୀଳ ଶାସକ, ଟିକସ-ସଂଗ୍ରହ କର୍ତ୍ତା ଏବଂ ରାଜନେତାମାନେ ଆଧୁନିକ ଯୁଗର ପ୍ରଭାବଶାଳୀ ଭ୍ରମଣଶୀଳ ସୁଲତାନ୍ ହୋଇ ଯାଇଛନ୍ତି ।



ଟିପ୍ପଣୀ



## ୩୧.୭ ରାଜାଙ୍କ ବ୍ୟକ୍ତିତ୍ୱ Persona of the king

ସୁଲତାନଙ୍କ ଅନୁଚର ବର୍ଗ (retinue), ରାଜକୀୟ ଚିହ୍ନ ଧାରଣ କରିଥିବା ସୁବିଧାବାଦୀ ଗୋଷ୍ଠୀ (Regalia Privileges)ଏବଂ ରାଜା ଓ ତାଙ୍କର ପରିବାର ରାଜାଙ୍କର ମହାନତାର ପ୍ରତୀକ ଥିଲେ । ସୁଲତାନ ସାର୍ବଜନିକ ଶିଷ୍ଟାଚାର ଏବଂ ସୀମିତ ବ୍ୟବହାର ପାଳନ କରୁଥିଲେ କାରଣ ଅଧିନସ୍ଥ ଯେପରି ନିଜର ସୀମା (ହଦ୍) ପାରି ନ କରେ । ସୁଲତାନଙ୍କୁ ସର୍ବଦା ନିଜର ପ୍ରଭୁତ୍ୱ ଦେଖାଇବା ପାଇଁ ସବୁଠାରୁ ବଡ଼, ସବୁଠାରୁ ଧନୀ, ସର୍ବାଧିକ ଅଳଙ୍କୃତ, ଅପବ୍ୟୟୀ ଏବଂ ଶରୀରରେ ଦୃଶ୍ୟମାନ୍ୟ ମୂଲ୍ୟବାନ ଜିନିଷ ଧାରଣ କରିବାକୁ ପଡ଼ିଥାଏ । ବିଜୟନଗରର ରାୟ ଶାସକମାନେ ନିଜ ଶରୀରରେ ବିଦେଶରୁ ପ୍ରାପ୍ତ ମୂଲ୍ୟବାନ ଜିନିଷ ବିଶେଷ କରି ଅତର ଏବଂ ଚୀନର ପର୍ସିଲିନ୍ (Percelain) ଭଳି ଦାମିକା ଜିନିଷ ଧାରଣ କରି ନିଜକୁ "ପୂର୍ବ ଏବଂ ପଶ୍ଚିମ ମହାସାଗରର ସ୍ୱାମୀ ବୋଲି କହୁଥିଲେ । ସୁଲତାନଙ୍କ ପ୍ରାସାଦ ତାଙ୍କ ଶରୀରର ଏକ ବଡ଼ ପ୍ରତିରୂପ ଥିଲା ଯାହାକି ସଞ୍ଚୟ, ପ୍ରଭୁତ୍ୱ ଏବଂ ନିୟନ୍ତ୍ରଣର ଉତ୍ସଶକ୍ତି ଦର୍ଶାଇବା ସହିତ ତାଙ୍କର ଧନ-ସମ୍ପଦ, ମୂଲ୍ୟବୋଧ ଏବଂ ରୁଚିକୁ ମଧ୍ୟ ଦର୍ଶାଇଥାଏ । ଉକ୍ତ ମହାନ ପ୍ରଭାବଶାଳୀ ସୁଲତାନଙ୍କର ଉପଭୋଗର ଆଡ଼ମ୍ବର ପୂର୍ଣ୍ଣ ଅଭ୍ୟାସ ଦକ୍ଷିଣ ଏସିଆର ରାଜନୈତିକ ଜୀବନର ସ୍ଥାୟୀ ବ୍ୟବସ୍ଥା ହୋଇଯାଇଥିଲା । ଘରୋଇ ପର୍ବପର୍ବାଣୀ ମଧ୍ୟରେ ବାହାଘର ସମୟରେ ସୁଲତାନଙ୍କ ବ୍ୟକ୍ତିତ୍ୱର ମହତ୍ୱପୂର୍ଣ୍ଣ ବିଶେଷଣଗୁଡ଼ିକ ସର୍ବସାଧାରଣରେ ଦେଖା ଦେଇଥାଏ । ତାଙ୍କର ରାଜନୈତିକ ଜୀବନରେ ବାହାଘର ଏକ ମହତ୍ୱପୂର୍ଣ୍ଣ ଘଟଣା କାରଣ ଏହା ହିଁ ରାଜନୈତିକ ଗଠବନ୍ଧନର ସବୁଠାରୁ ସୁରକ୍ଷିତ ଉପାୟ ଥିଲା । "ପାଦଶାହା ନାମା" ପୁସ୍ତକରେ ଯୁଦ୍ଧ ଏବଂ ବିବାହକୁ କଳାକାରମାନଙ୍କ ଦ୍ୱାରା ସବୁଠାରୁ ଅଧିକ ବିସ୍ତାର ଭାବରେ ଚିତ୍ରଣ କରାଯାଇଅଛି । ଏପରିକି ମୋଗଲ ସାମ୍ରାଜ୍ୟ ମଧ୍ୟ ଏକ ପାରିବାରିକ ଘଟଣା ଭଳି ପ୍ରତିୟମାନ ହେଉଥିଲା । ପ୍ରାସାଦର ଆଭ୍ୟନ୍ତରିଣ ଗୁପ୍ତକ୍ଷେତ୍ରରେ ପରିବାରର ସଦସ୍ୟମାନେ ପ୍ରଭାବ ବିସ୍ତାର ପାଇଁ ପ୍ରତିଜ୍ଞାବଦ୍ଧ ହୋଇ ଗୁପ୍ତ ଯୋଜନାରେ ନିଜକୁ ନିୟୋଜିତ କରୁଥିଲେ ଯାହାକି ଉତ୍ତରାଧିକାରୀ ଯୁଦ୍ଧରେ ପରିଣତ ହେଉଥିଲା । ଉକ୍ତ ଯୁଦ୍ଧରେ ସମ୍ପର୍କୀୟମାନେ ଅନ୍ୟ ସମ୍ପର୍କୀୟମାନଙ୍କୁ ହତ୍ୟା କରୁଥିଲେ ଯାହାକି ମହାଭାରତ ଯୁଦ୍ଧରେ ଦେଖା ଯାଇଥିଲା । ପ୍ରାସାଦ ମଧ୍ୟରେ ସୁଲତାନଙ୍କ ସମ୍ମାନ, ତାଙ୍କର ମାତା, ପତ୍ନୀ, ପୁତ୍ର ତଥା ଭଉଣୀଙ୍କ ନିଷ୍କଳଙ୍କ ସଦ୍‌ଗୁଣ ଉପରେ ନିର୍ଭର କରୁଥିଲା । ସର୍ବ ସାଧାରଣଙ୍କ ଦୃଷ୍ଟିରୁ ଦୂରରେ ଥିବା ରାଜପ୍ରାସାଦର ରମଣୀମାନେ ପରଦା ଆଢୁଆଳରେ ଏବଂ ଏକାନ୍ତରେ ଜୀବନ କଟାଉଥିଲେ । "ପରଦା" ନାଶୀନ ମହିଳାମାନେ ସୁଲତାନଙ୍କ ସଦ୍‌ଗୁଣ ହୋଇଯାଇଥିଲେ (Sultan's own virtue) । ରମଣୀମାନଙ୍କର ଏକାନ୍ତ ଜୀବନ ପ୍ରଥା ହିନ୍ଦୁ ଏବଂ ମୁସଲମାନ ଦ୍ୱୟଙ୍କର ଉଚ୍ଚବର୍ଗୀୟ ପରିବାରରେ ସମରୂପରେ ଦେଖା ଦେଇଥିଲା କାରଣ ସେମାନେ ନିଜେ ସୁଲତାନଙ୍କ ଢ଼ାଞ୍ଚାରେ ବସବାସ କରିବାକୁ ଇଚ୍ଛା ପ୍ରକାଶ କରୁଥିଲେ ।

## ୩୧.୮ ସମ୍ଭ୍ରାନ୍ତ ଗୋଷ୍ଠୀ The Nobility

ସୁଲତାନ ବିଭିନ୍ନ ପଦବୀର ଅନୁସନ୍ଧାନ କରୁଥିଲେ ଯାହାଦ୍ୱାରା ଜନ୍ମଗୋଷ୍ଠୀ, ସାଂସ୍କୃତିକ ସମ୍ବନ୍ଧ ଜାଣିବା ସଙ୍ଗେ ସଙ୍ଗେ ବ୍ୟକ୍ତିଗତ ସ୍ଥିତି ବିଷୟରେ ଚିହ୍ନଟ କରି ହେଉଥିଲା । ପ୍ରତ୍ୟେକ ସୁଲତାନ ନିଜ ପ୍ରତି ଆସ୍ଥା ରଖୁଥିବା ନିର୍ଦ୍ଦିଷ୍ଟ ସମ୍ଭ୍ରାନ୍ତମାନଙ୍କଠାରେ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ତିଆରି କରିବା ତଥା



ଟିପ୍ପଣୀ

ସଂଗଠିତ କରିବା ପାଇଁ ଚାହୁଁ ଥିଲେ । ଏଥିପାଇଁ କେବଳ ତୁର୍କେ-ଇ-ଚିହାଲଗାନି (Turkan-i-Chihalgani) କ୍ଷମତା ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ହାସଲ କରିବା ପାଇଁ ଚେଷ୍ଟା କରି ନଥିଲେ ବରଂ କେତେକ ଗୋଷ୍ଠୀ ନିଜ ନିଜର ବ୍ୟକ୍ତିଗତ ଆନୁଗତ୍ୟ ରଖିଥିବା ସୁଲତାନମାନଙ୍କୁ ଯଥା କୁତବୀ (କୁତବଉଦ୍ଦିନଆଇବାଙ୍କ ପ୍ରତି ଆନୁଗତ୍ୟ), ସାମସିସ୍ (ଇଲତୁତ୍‌ମିସ୍‌ଙ୍କ ପ୍ରତି ଆନୁଗତ୍ୟ), ବଲବନିସ୍ ତଥା ଆଲ୍ଲାଇ ଅମିରମାନେ ପୁରାପୁରି ଏହି ସମୟରେ ଆଧିପତ୍ୟ ବିସ୍ତାର କରିଥିଲେ । ତ୍ରୟୋଦଶ ଶତାବ୍ଦୀର ପ୍ରସିଦ୍ଧ ଚାଳିସ୍ ଅମୀର ସହିତ ପ୍ରାୟ ସମସ୍ତ ଉଚ୍ଚ ଆଭିଜାତ୍ୟ ମଧ୍ୟ-ଏସିଆ ଅଞ୍ଚଳର ଥିଲେ । ସେମାନଙ୍କ ମଧ୍ୟରୁ ଅନେକ ଦାସ ମଧ୍ୟ-ଏସିଆର ବଜାରରୁ କିଣା ଯାଇଥିଲେ । ସେହି କାରଣରୁ ମଧ୍ୟ-ତୁର୍କୀର ମାମଲୁକମାନଙ୍କ କେନ୍ଦ୍ରରେ ଅସ୍ଥିରତା ଦେଖା ଦେଇଥିଲେ । ମୋଙ୍ଗଲମାନେ ମଧ୍ୟ-ଏସିଆ ତଥା ପୂର୍ବ-ଇରାନରେ ଲୁଣ୍ଠନ କରିବା ସଙ୍ଗେ ସଙ୍ଗେ ଅତ୍ୟଧିକ ରାଜନୈତିକ ତଥା ଧାର୍ମିକ ବର୍ଗର ଲୋକମାନଙ୍କୁ ଉତ୍ତର ଭାରତକୁ  ପ୍ରେରଣ କରିଥିଲେ । ଦିଲ୍ଲୀର ସୁଲତାନ୍ ସେମାନଙ୍କୁ ସୈନ୍ୟବାହିନୀ ତଥା ଶାସନର ବିଭିନ୍ନ ସ୍ତରରେ ନିୟୋଜିତ କରିଥିଲେ । ଆଲ୍ଲା-ଉଦ୍ଦିନ-ଖିଲିଜୀ ସୁଲତାନେଟ ମଧ୍ୟରେ ରାଜନୈତିକ ସହଯୋଗକୁ ଜାଣିଶୁଣି ବୃଦ୍ଧି କରିବାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଥମ ସୁଲତାନ ଥିଲେ । ଆଂଶିକ ରୂପରେ ଶାସନର ଦ୍ୱାରକୁ ଖୋଲି ସେ କେତେକ ଅଣ ତୁର୍କ ମୁସଲମାନ ଅମୀରମାନଙ୍କୁ ଗ୍ରହଣ କରିବା ସହିତ କେତେକ ଧର୍ମାନ୍ତରିତ ହିନ୍ଦୁମାନଙ୍କୁ ମଧ୍ୟ ନେଇଥିଲେ କାରଣ ଏହା ଆଇନସଙ୍ଗତ ବୋଲି ତାଙ୍କର ହୃଦ୍‌ବୋଧ ହୋଇଥିଲା । ଆଲ୍ଲା-ଉଦ୍ଦିନ-ଖିଲିଜୀ ଏବଂ ତାଙ୍କ ପୁତ୍ର ମହତ୍ୱପୂର୍ଣ୍ଣ ହିନ୍ଦୁ ଶାସକ ପରିବାରରେ ବିବାହ କରିଥିଲେ ଏବଂ ଏ ପ୍ରକାର ଅନେକ ଶାସକଙ୍କୁ ଦରବାରରେ ସ୍ଥାନ ଦେଇଥିଲେ ଏବଂ ସେମାନଙ୍କୁ ସମ୍ମାନ ମଧ୍ୟ ପ୍ରଦାନ କରୁଥିଲେ । ତୋଗଲକଙ୍କ ଶାସନ କାଳରେ ଅଣ-ମୁସଲମାନ ଭାରତୀୟମାନଙ୍କୁ ଉଚ୍ଚ ଏବଂ ଅତ୍ୟନ୍ତ ଉତ୍ତର ଦାୟିତ୍ୱ ପୂର୍ଣ୍ଣ ପଦରେ ନିଯୁକ୍ତି ପ୍ରଦାନ କରିଥିଲେ, ଏପରିକି ପ୍ରଦେଶର ଗଭର୍ଣ୍ଣର ହିସାବରେ ମଧ୍ୟ ନିଯୁକ୍ତି ଦେଇଥିଲେ । ମହମ୍ମଦ-ବିନ-ତୋଗଲକ ପ୍ରଶାସନରେ ହିନ୍ଦୁମାନଙ୍କୁ ନିଯୁକ୍ତି ଦେବାର ଯୋଜନା ତିଆରି କରିବାରେ ପ୍ରଥମ ମୁସଲମାନ ଶାସକ ଥିଲେ ।

ଆକବରଙ୍କ ଶାସନର ପ୍ରଥମ ତିନି ଦଶନ୍ଧିରେ ଉଚ୍ଚ ଶ୍ରେଣୀର ରାଜକୀୟ ବ୍ୟକ୍ତିତ୍ୱ ମାନଙ୍କର ଦ୍ରୁତ ଅଭିବୃଦ୍ଧି ହୋଇଥିଲା ଯେହେତୁ ମଧ୍ୟ-ଏସିଆର ସମ୍ଭ୍ରାନ୍ତମାନେ ସାଧାରଣତଃ ତୁର୍କ-ମୋଙ୍ଗଲ ପରମ୍ପରା ଅନୁସାରେ ରାଜକୀୟ କ୍ଷମତାର ଅଂଶୀଦାର ହେଉଥିଲେ । ଆକବର ସେମାନଙ୍କର ଶକ୍ତି ଓ ପ୍ରଭାବକୁ ଲୋପକରି ନିଜ ପରିପାର୍ଶ୍ୱରେ ମୋଗଲ ଶାସନର କେନ୍ଦ୍ରିୟ ରୂପଦେବାକୁ ଇଚ୍ଛା କରିଥିଲେ । ସମ୍ରାଟ ଏକ ନୂତନ ମାନଦଣ୍ଡ ଅନୁସାରେ ନିଜ ସେବାରେ ଯୋଗ ଦେବାପାଇଁ ପ୍ରୋତ୍ସାହିତ କଲେ ଏବଂ ଏହାଦ୍ୱାରା ଇରାନର ଆଭିଜାତ୍ୟ ବର୍ଗର ମୋଗଲ ସମ୍ଭ୍ରାନ୍ତର ଏକ ମହତ୍ୱପୂର୍ଣ୍ଣ ବର୍ଗ ଗଠନ ହେଲା । ଭାରତୀୟ ପୃଷ୍ଠଭୂମିରେ ଆକବର ମଧ୍ୟ ବ୍ୟକ୍ତିତ୍ୱର ସନ୍ଧାନରେ ଥିଲେ ।  ନୂତନ ଭାରତୀୟ ଆଫଗାନୀମାନେ ମୋଗଲମାନଙ୍କର ମୁଖ୍ୟ ବିରୋଧି ହେବା ଯୋଗୁଁ ସ୍ୱାଭାବିକ ଭାବରେ ସମାନଙ୍କୁ ସ୍ପଷ୍ଟ ଭାବରେ ଦୁରେଇ ଦେଇଥିବା ବେଳେ ବରହାର ସୟିଦ୍ (Sayyids Baraha) ବୁଖାରି ସୟିଦ୍ ଏବଂ ଭାରତୀୟ ମୁସଲମାନଙ୍କ ମଧ୍ୟରୁ କାମ୍ବୁସ୍‌ମାନଙ୍କୁ ଉଚ୍ଚ ସୈନିକ ତଥା ନାଗରିକ ପଦ ଦେବା ପାଇଁ ଅନୁଗ୍ରହ କରାଯାଇଥିଲା । ଏହାଠାରୁ ଅଧିକ ମହତ୍ୱପୂର୍ଣ୍ଣ ବିଷୟ ଥିଲା ହିନ୍ଦୁ ରାଜପୁତମାନଙ୍କୁ ମୋଗଲ ସାମ୍ଭ୍ରାନ୍ତ ଶ୍ରେଣୀରେ ସ୍ଥାନ ପ୍ରଦାନ କରିବା । ଏହା ଭାରତୀୟ-ଇସଲାମିୟ ଇତିହାସରେ ପୁରାପୁରି ନୂତନ ପଦଚିହ୍ନ ନହେଲେ ମଧ୍ୟ

ମୋଗଲ ସ୍ୱେଚ୍ଛାଚାରିତା ଏବଂ ସ୍ଥାନୀୟ ନିଷ୍ଠୁର ଶାସକମାନଙ୍କ ମଧ୍ୟରେ ସମ୍ପର୍କର ଏକ ଅଗ୍ରଣୀ ମାନ ଭିତ୍ତିକ ଦୃଷ୍ଟାନ୍ତ ।

## ୩୧.୯ କାର୍ଯ୍ୟାଳୟ ଏବଂ ପଦାନୁକ୍ରମିକ ସଂରଚନା Office and Hieraretical structure

ଦିଲ୍ଲୀର ସୁଲତାନୀ ସରକାର ତଥା ମୋଗଲ ସାମ୍ରାଜ୍ୟର ସରକାର ଦାସମାନଙ୍କ ପରି ନଥିଲା । ଏହି ଦୁଇ ସରକାର ସଂଗଠିତ ଅମଲାତାନ୍ତ୍ରୀକ ଥିଲା ଯେଉଁଠାରେ ବିଭାଗ ଏବଂ ଅଫିସରମାନଙ୍କର ନିୟମିତ ଶ୍ରେଣୀ ବିଭାଗ ଥିଲା । ନାଗରିକ ତଥା ସୈନ୍ୟ ବିଭାଗର କୌଣସି କାର୍ଯ୍ୟାଳୟ ବଂଶାନୁଗତ ନଥିଲା । ତେଣୁ ଅଧିକାରୀମାନଙ୍କୁ ରାଜା ନିଜ ଇଚ୍ଛା ଅନୁସାରେ ନିଯୁକ୍ତି, ସ୍ଥାନାନ୍ତରିତ ଏବଂ ବରଖାସ୍ତ କରି ପାରୁଥିଲେ । ସେମାନେ ରାଜାଙ୍କଠାରେ ଉତ୍ତରଦାୟୀ ରହୁଥିଲେ । ସୁଲତାନୀ ଶାସନ ବ୍ୟବସ୍ଥାରେ ଠିକ୍ ସୁଲତାନଙ୍କ ପରେ ସମସ୍ତ ସରକାରୀ କାର୍ଯ୍ୟର ତଦାରଖ କରିବା ପାଇଁ ୱାଜିରଙ୍କ (wazir) କାର୍ଯ୍ୟାଳୟ ଥିଲା । ମୋଗଲମାନେ ତାଙ୍କର ପ୍ରଧାନମନ୍ତ୍ରୀଙ୍କୁ ଭକିଲ (vakil) କହୁଥିଲେ କିନ୍ତୁ ପରବର୍ତ୍ତୀ ସମୟରେ ଏହା ୱାଜିର ବା ଦିୱାନ ସହିତ ସମାନ(Synonymous) ହୋଇଥିଲା । ସୁଲତାନ୍‌ମାନେ ଦିୱାନ-ଇ-ଆରିଜ (Diwan-i-Ariz) (Military Dept) ର ସ୍ଥାପନା କରିଥିଲେ । ଏହାର ମୁଖ୍ୟ ଭାବରେ ଆରିଜ୍-ଇ-ମମାଲିକ (Ariz-i-mamalik) ଅବସ୍ଥାପିତ ହୋଇଥିଲାବେଳେ ମୋଗଲ ଶାସନକାଳରେ ମିର୍-ବକ୍‌ସି (Mir-Bakshi) ସେନା ତଥା ରାଜପ୍ରତିଷ୍ଠାନର ସାଧାରଣ ପ୍ରଶାସନ (General Administration of the Royal establishment) ର ଦାୟୀତ୍ୱ ବହନ କରିଥିଲେ । ସୁଲତାନୀ ଅମଳରେ ଧାର୍ମିକ ବ୍ୟାପାର ଓ ଜନକଲ୍ୟାଣ ବିଭାଗଗୁଡ଼ିକ ଦିୱାନ-ଇ-ରସାଲତ୍ (Diwan-i-rasalat) ଙ୍କ ଦ୍ୱାରା ପରିଚାଳିତ ହେଉଥିଲା ଏବଂ ସର୍ଦ-ଉସ୍-ସୁଦୁର(Sadr-us-sudur)ଏହାର ମୁଖ୍ୟ ଥିଲା । ଅଫିସରମାନେ ରହିଥିବା ପର୍ଯ୍ୟନ୍ତ ମୋଗଲମାନେ ଏଗୁଡ଼ିକର ସେହି ନାମକରଣ ଜାରି ରଖିଥିଲେ । ଉଭୟଙ୍କ ଅମଳରେ ମୁଖ୍ୟ କାଜି, ମୁଖ୍ୟ ନ୍ୟାୟାଧୀଶ (Chief Qazi) ଙ୍କ କାର୍ଯ୍ୟାଳୟକୁ ସର୍ଦ (Sadr)ଙ୍କ ସହିତ ମିଶାଇ ଦେଇଥିଲେ । ସୁଲତାନୀ ଶାସନ ସମୟରେ ମୁସ୍‌ରିଫ-ଇ-ମମାଲିକ (Mushrif-i-mamalik) ମୁଖ୍ୟ ହିସାବ ରକ୍ଷକ (Accountant General), ମୁସାଉଫି-ଇ-ମମାଲିକ (Mushaufi-i-mamalik) ମୁଖ୍ୟ ସମୀକ୍ଷକଙ୍କ (Auditor General) ଡବିର-ଇ-ଖାଁ (Dabir-i-Khan) ଙ୍କ ଅଧ୍ୟକ୍ଷତାରେ ଦିୱାନ-ଇ-ଇନ୍‌ଶା (Diwan-i-Insha) ରାଜ୍ୟ ପତ୍ରାଚାର ବିଭାଗ (State Correspondence Department) ଏବଂ ବାରିଦ୍-ଇ-ମମାଲିକ (Barid-i-Mamalik) ଗୁପ୍ତଚର ବିଭାଗର ପ୍ରଧାନ (Head of the Intelligence Department) ଗୁଡିକ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଏବଂ ବିଭାଗ ଥିଲା ।

## ୩୧.୧୦ ପ୍ରାନ୍ତିୟ ପ୍ରଶାସନ Provincial Administration

ସୁଲତାନୀ ଶାସନ ଅମଳରେ ମୁକ୍ତି (Muqtis) ବା ୱାଲି (Walis) ମାନେ ପ୍ରଦେଶ ଦାୟିତ୍ୱରେ ଥିଲେ । ପ୍ରଦେଶର ଆୟ ଏବଂ ବ୍ୟୟକୁ ନିୟନ୍ତ୍ରଣ କରିବା ପାଇଁ ଜଣେ ସାହିବ ଦିୱାନ (Sahib-Diwan) ଥିଲେ ଏବଂ ତାଙ୍କୁ ସାହାର୍ଯ୍ୟ କରିବା ପାଇଁ ମୁସାରିଫ୍ (Musarif) ଏବଂ କାରକୁନ (Karkun) ଙ୍କୁ ନିଯୁକ୍ତି ଦିଆଯାଇଥିଲା । ତ୍ରୟୋଦଶ ଶତାବ୍ଦୀର ଶେଷଭାଗରେ ପ୍ରଶାସନିକ ଅଞ୍ଚଳ ଭାବରେ ସିକ୍କ (Shiqq) ସ୍ଥାପିତ ହେଲା ଯାହାକି ପରବର୍ତ୍ତୀ ସମୟରେ



ଟିପ୍ପଣୀ

ସରକାର (Sarkar) ନାମରେ ପରିଚିତ ହେଲା । ନ୍ୟାୟ ପାଇଁ ପ୍ରଦେଶରେ କାଜୀ (Qazi) ଓ ସଦର (Sdr) ଙ୍କ ଅଦାଲତ କାର୍ଯ୍ୟରତ ହୋଇଥିଲା । ମୋଗଲ ସାମ୍ରାଜ୍ୟ ୧୫ଟି ପ୍ରଦେଶରେ ବିଭକ୍ତ ହୋଇଥିଲ । ସେ ଗୁଡିକ ହେଲା ଏଲ୍‌ହାବାଦ, ଆଗ୍ରା, ଅବଧ, ଆଜମୀର, ଅହମଦାବାଦ୍, ବିହାର, ବଙ୍ଗଳା, ଦିଲ୍ଲୀ, କାବୁଲ, ଲାହୋର, ମୁଲତାନ, ମାଲକା, ଖାନ୍ଦେଶ, ବେରାର ଏବଂ ଅହମଦ୍‌ନଗର । କାଶ୍ମୀର ଏବଂ କାନ୍ଦାହାର, କାବୁଲ ପ୍ରଦେଶର ଜିଲ୍ଲା ଥିଲା ଏବଂ ସିନ୍ଧୁ ଅଞ୍ଚଳ ଥାଟ୍ଟ ନାମରେ ପରିଚିତ ଥିଲା ଏବଂ ଏହା ମୁଲତାନର ଏକ ଜିଲ୍ଲା ଥିଲା । ଓଡିଶା ସେତେବେଳେ ବଙ୍ଗଳାର ଏକ ଅଂଶ ବିଶେଷ ଥିଲା । ସମସ୍ତ ପ୍ରଦେଶର ଆକାର ଏବଂ ଆୟ ଏକ ପ୍ରକାରର ହୋଇନଥିଲା । ପ୍ରତି ପ୍ରଦେଶରେ ଜଣେ ଗଭର୍ଣ୍ଣର (Governer) ଜଣେ ଦିୱାନ(ରାଜସ୍ୱ ଏବଂ ବିତ୍ତ ଅଧିକାରୀ) ଜଣେ ବକ୍ସି (ସୈନିକ କମାଣ୍ଡର) ଜଣେସଦର (ଧାର୍ମିକ ପ୍ରଶାସନ), ଜଣେ କାଜୀ (ନ୍ୟାୟାଧୀଶ) ଏବଂ କେନ୍ଦ୍ର ସରକାରଙ୍କୁ ସୁଚନା ଦେବା ପାଇଁ ଏଜେଣ୍ଟ ନିଯୁକ୍ତ ହୋଇଥିଲେ । ବିଭିନ୍ନ କର୍ମଚାରୀମାନଙ୍କ ମଧ୍ୟରେ କ୍ଷମତାର ପୃଥକୀକରଣ (ବିଶେଷଭାବରେ ଗଭର୍ଣ୍ଣର ଏବଂ ଦିୱାନ ମଧ୍ୟରେ) ରାଜ ଶାସନର ଏକ ମହତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଥିଲା । ମୋଗଲ ପ୍ରଦେଶଗୁଡ଼ିକୁ କେତେକ ଜିଲ୍ଲା (ସରକାର)ରେ ବିଭକ୍ତ କରାଯାଇଥିଲା । ପ୍ରତି ଜିଲ୍ଲାରେ ଜଣେ ଫଉଜଦାର (ସୈନିକ ଅଫିସର ଯାହାର କାର୍ଯ୍ୟ ପ୍ରାୟ କଲେକ୍ଟରଙ୍କ ପରି ଥିଲା), ଜଣେ କାଜୀ, ଜଣେ ବିତିକଚି (bitikchi) (ମୁଖ୍ୟ କିରାଣୀ) ଏବଂ ଜଣେ ଖଜାନୀଦାର (କୋଷପାଳ) ନିଯୁକ୍ତ ହୋଇଥିଲେ । ନ୍ୟାୟପ୍ରଦାନ ପାଇଁ ଏକ ଶ୍ରେଣୀବଦ୍ଧ ଅଦାଳତ ଥିଲା । ଏହା ଗ୍ରାମପଞ୍ଚାୟତ ଠାରୁ ଆରମ୍ଭ ହୋଇ ପ୍ରଗଣା, ସରକାର ଏବଂ ପ୍ରାଦେଶିକ ବିଚାରାଳୟ (କାଜୀ, ଅମୀର ଇ ଦାଦ୍, ଏବଂ ମୀର ଆଦଲଙ୍କ ଅଧିନସ୍ତ) ଏବଂ ଶେଷରେ ମୁଖ୍ୟସଦର ବା କାଜୀ ଏବଂ ସର୍ବ ଶେଷରେ ସ୍ୱୟଂ ସମ୍ରାଟଙ୍କ ପାଖରେ ଶେଷ ହୋଇଥିଲା । ସୁଲତାନେଟ ଏବଂ ମୋଗଲ ଦ୍ୱୟଙ୍କ ଶାସନକାଳରେ କୋଟ୍‌ୱାଲ (Kotwal) ସ୍ଥାନୀୟ ସ୍ତରରେ ଆଇନକାନୁନକୁ ପାଳନ କରାଇବା ଦ୍ୱାୟୀତ୍ୱରେ ଅବସ୍ଥାପିତ ହୋଇଥିଲେ ।

## ୩୧.୧୧ ଇକ୍ତା, ଜାଗୀର ଏବଂ ମନ୍‌ସବ୍ Iqta, Jagir and Mansab

ସୁଲତାନୀ ଶାସନ ସମୟରେ ଇକ୍ତା (Iqta) ଏବଂ ମୋଗଲ ସମୟରେ ଜାଗୀରି (Jagir) ମାନ ସ୍ଥାପନ କରାଯାଇଥିଲା । ଏଗୁଡିକରୁ ଇକ୍ତାଦାର ଏବଂ ଜାଗୀରିଦାରମାନେ ନିଜନିଜର ଦରମା ପାଇବା ଆଶାରେ ରାଷ୍ଟ୍ର ଉଦ୍ଦେଶ୍ୟରେ ରାଜସ୍ୱଆଦାୟ କରୁଥିଲେ କିନ୍ତୁ ଏମାନଙ୍କର ନ୍ୟାୟିକ ଅଧିକାର ସମ୍ରାଟଙ୍କ ଖୁସି ଉପରେ ନିର୍ଭର କରୁଥିଲା । ମୁକ୍ତି (Muktis) ବା ଇକ୍ତାର ଅଧିକାରୀମାନେ ନିଜ ନିଜ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ଏବଂ ରାଜସ୍ୱ ଆଦାୟ କରିବା ବ୍ୟତୀତ ଦରକାର ପଡ଼ିଲେ ସୁଲତାନଙ୍କ ଆବଶ୍ୟକତା ଅନୁଯାୟୀ ସୈନିକ ସାହାଯ୍ୟ ଦେବାକୁ ପଡୁଥିଲା । ରାଜସ୍ୱର ଉକ୍ତ ଆବଣ୍ଟନ (assignments) ଗୁଡ଼ିକ ସାଧାରଣତଃ ଆନୁବଂଶିକ ନଥିଲା ଏବଂ ହସ୍ତାନ୍ତରଣୀୟ ଥିଲା । ଠିକ୍ ଏହି ପ୍ରକାର ମନ୍‌ସବ୍ ବ୍ୟବସ୍ଥା ମୋଗଲ ସାମ୍ରାଜ୍ୟର ସାର୍ବଜନିକ ସେବା (Public Services) ର ସଂଗଠନ ଉପରେ ଆଧାରିତ ଥିଲା । ଏହା ଆନୁବଂଶିକ ଅଥବା ପଦାନୁକ୍ରମିକ (Hierarehical) ନଥିଲା । ମନସବ୍‌ର ଆକ୍ଷରିକ ଅର୍ଥ ହେଲା ଉଚ୍ଚପଦ (rank) ଅଥବା ଅବସ୍ଥାନ (position) । ଏହାକୁ ନିର୍ଦ୍ଧାରଣ କରିବା ପାଇଁ ବ୍ୟକ୍ତିଗତ ଯୋଗ୍ୟତା, ସାମାଜିକ ସ୍ଥିତି ବା ଜାତି ଏବଂ ନିଜ ଅଧିନରେ ଥିବା ସୈନ୍ୟ



ଟିପ୍ପଣୀ



ସାମନ୍ତ(ସୱାର) ଇତ୍ୟାଦିକୁ ବିଚାରକୁ ନିଆଯାଇଥାଏ । ସାଧାରଣତଃ ମନସବ୍‌ଦାରମାନଙ୍କୁ ଜାଗିରୀ ହିସାବରେ କିଛି ଜମି ଦିଆ ଯାଇଥାଏ, ଯାହାର ଆନୁମାନିକ ରାଜସ୍ୱ ତାଙ୍କର ଜାତି ଏବଂ ସୱାର ଦୁଇଜଣଙ୍କର ଦରମା ସହିତ ପ୍ରାୟ ସମାନ ଥିଲା । ଏହା ସତ୍ତ୍ୱେ ଆଉ କେତେକ ମନସବ୍‌ଦାର ଥିଲେ ଯେଉଁମାନଙ୍କ ଦରମା ନଗଦ ଆକାରରେ ସାମ୍ରାଜ୍ୟର ରାଜକୋଷରୁ ଦିଆ ଯାଉଥିଲା ।

## ୩୧.୧୨ କର ବ୍ୟବସ୍ଥା Taxation

ସୁଲତାନୀ କର-ପ୍ରଣାଳୀରେ ଖାରଜ୍ (ଉତ୍ପାଦିତ ଦ୍ରବ୍ୟର ୧/୩ ଠାରୁ ୧/୬ ପର୍ଯ୍ୟନ୍ତ) ଜିଜିୟା (ଅଣ ମୁସଲମାନ ସୈନ୍ୟବାହିନୀ ସେବା ବ୍ୟତୀତ ସ୍ୱଉପାର୍ଜନ ଯମ ପୁରୁଷଙ୍କଠାରୁ ଆଦାୟ ହେଉଥିବା), ଜାକତ୍ (ଧନୀ ମୁସଲମାନମାନଙ୍କଠାରୁ ହିତକର କାର୍ଯ୍ୟ ପାଇଁ ଆଦାୟ ହେଉଥିବା କର), ଖାମ୍‌ସ (Khams) ବା ଘାନିନା (Ghaninah) (ଯୁଦ୍ଧରୁ ଲୁଟ କରାଯାଇଥିବା ଅର୍ଥ) ଏବଂ ଅନ୍ୟ ପରିବହନ (Transport) ଓ ନଗର ଶୁଳ୍କ (Octroi) ସହିତ ପ୍ରାକୃତିକ ସମ୍ପଦ ଇତ୍ୟାଦି ଆୟର ମୁଖ୍ୟ ସ୍ରୋତ ଥିଲା । ଚୌଧୁରୀ, ମକ୍କଦମ୍ (Maqqadams) ଏବଂ ଖୁତ୍ (Khuts)ମାନେ ସାଧାରଣତଃ ଗ୍ରାମର ଖଜଣା ଆଦାୟକାରୀ, ସେମାନେ ଅମିଲ (Amils) ସିକ୍‌ଦାର (Sheqdars) ଏବଂ ପ୍ରାଦେଶିକ ମୁକ୍ତି (Muqtis)ମାନଙ୍କ ଅଧିନରେ ରହି କାର୍ଯ୍ୟ କରୁଥିଲେ । ଖାଲିସ୍-ଭୂମି (Khalisa land) ର ରାଜସ୍ୱ କେବଳ ମାତ୍ର ସମ୍ରାଟଙ୍କ ରାଜକୋଷ ପାଇଁ ଉଦ୍ଦିଷ୍ଟ ଥିଲା । ମୋଗଲମାନେ ଉକ୍ତ ବ୍ୟବସ୍ଥାର ଉନ୍ନତି ସାଧନ କରିଥିଲେ (ବିଶେଷକରି ଭୂ-ରାଜସ୍ୱ କ୍ଷେତ୍ରରେ) । ଶେରସାହା ସୁରୀ ଦ୍ୱାରା ପ୍ରଚଳିତ ହୋଇଥିବା ମାପ ପ୍ରଣାଳୀ "ଜବତ" (Zabt)କୁ ଆକବର ପ୍ରଚଳନ କରିଥିଲେ ତଥା ତା'ର ଉନ୍ନତି ବିଧାନ କରିଥିଲେ । ଶେଷରେ ଆଇନ୍-ଇ-ଧାଶାଳା (Ain-i-Dhasala) କୁ ଜମି ବନ୍ଦୋବସ୍ତର ଅନ୍ତିମ ପ୍ରଣାଳୀ ଭାବରେ ଗ୍ରହଣ କରାଯାଇଥିଲେ । ଏଥିରେ କୌଣସି ଏକ ଜମିରୁ ଶେଷ ଦଶ ବର୍ଷର ଉତ୍ପାଦନର ହାରାହାରି ପରିଣାମକୁ ନେଇ ଭୂ-ରାଜସ୍ୱ ନିର୍ଦ୍ଧାରଣ କରାଯାଉଥିଲା ।

ଭୂମି ମାପିବା ପାଇଁ ଏକ ନୂଆ ଗଜ ଗଜେ-ଇଲାହୀ (Gaz-i-illahi) ର ବ୍ୟବହାର ଦ୍ୱାରା ଭୂମି ବନ୍ଦୋବସ୍ତରେ ତଥ୍ୟ ଭିତ୍ତିକ ଜ୍ଞାନ (informity) ହାସଲ କରାଯାଇଥିଲା । ଭୂମିର ଉତ୍ପାଦକତା, ଫସଲର ସ୍ୱରୂପ, ଦର ଏବଂ ଜଳସେଚନକୁ ବିଚାରକୁ ନେଇ ସରକାରଙ୍କୁ ରାଜସ୍ୱ ଦେୟର ନଗଦ ମୂଲ୍ୟ ନିର୍ଦ୍ଧାରଣ କରାଯାଉଥିଲା । ଭୂରାଜସ୍ୱ ପଇଠ କରିବାର ବିକଳ୍ପ ବିଭିନ୍ନ ପ୍ରଣାଳୀ ଜରିଆରେ କାର୍ଯ୍ୟକାରୀ କରାଯାଉଥିଲା । ଭୂମିର ଅଧିକାର ସଦା ସର୍ବଦା ଚାଷୀ ହସ୍ତରେ ନ୍ୟସ୍ତ ହୋଇଥିଲା ।

## ୩୧.୧୩ ସେନା Army

ସୁଲତାନୀ ଏବଂ ମୋଗଲ ରାଷ୍ଟ୍ର ଦ୍ୱୟ ସୈନ୍ୟ ଉପରେ ଆଶ୍ରିତ ଥିଲେ ଯାହାର ମୁଖ୍ୟ ବଳ ଅଶ୍ୱାରୋହୀ ଥିଲା । ସୁଲତାନଙ୍କ ଅଧିନରେ ଆରିଜ୍-ଇ-ମମାଲିକ (Ariz-i-mamalik) ଏବଂ ମୋଗଲ ସମ୍ରାଟଙ୍କ ଅଧୀନରେ ମୀର ବକ୍ସି (Mir-Bakshi) ଦ୍ୱୟ ସୈନ୍ୟବାହିନୀ ଦାୟୀତ୍ୱରେ ଥିଲେ ମଧ୍ୟ ଶାସକ ସ୍ୱୟଂ ସମସ୍ତ ସୈନ୍ୟବାହିନୀ ଉପରେ ନିୟନ୍ତ୍ରଣ ରଖିଥିଲେ । ଏକ ନିୟମିତ ସ୍ଥାୟୀ ସେନା ରଖିବାରେ ବଳବନ୍ ହେଉଛନ୍ତି ପ୍ରଥମ ଶାସକ । ଆଲ୍ଲା-ଉଦ୍ଦିନ-ଖିଲିଜୀ ଉକ୍ତ



ଟିପ୍ପଣୀ

ବ୍ୟବସ୍ଥାକୁ ସୁଦୃଢ଼ କରିଥିଲେ ଏବଂ ସେ ଘୋଡ଼ାକୁ ଦାଗ ଦେବା ପ୍ରଥା ଲାଗୁ କରିଥିଲେ। ସୁଲତାନୀ ଅମଳର ରାଜକୀୟ ଅଶ୍ୱାରୋହିକୁ ହାସାମ-ଇ-କ୍ୱାଲ୍ବ (Hasham-i-Qalb) ଅଥବା ଅଫୱାଜ-ଇ-କ୍ୱାଲ୍ବ (Afwaj-i-Qalb) ପ୍ରଦେଶରେ ଅବସ୍ଥାପିତ ହୋଇଥିବା ଅଶ୍ୱାରୋହୀକୁ ହାସାମ-ଇ-ଅତରାଜ (Hasham-i-Atraj) କୁହାଯାଏ। ଏହି ସେନା ଦଶମିକ ପ୍ରଣାଳୀର ଆଧାରରେ ସଙ୍ଗଠିତ ହୋଇଥିଲେ। ମୋଗଲ ସେନାମାନଙ୍କୁ ଉପର ବର୍ଣ୍ଣିତ ମନସବ୍ ପ୍ରଣାଳୀର ଆଧାରରେ ସଙ୍ଗଠିତ ହୋଇଥିଲେ। ଅହଦୀ (Ahadis) ସେନାମାନେ ସମ୍ରାଟଙ୍କ ପ୍ରତ୍ୟକ୍ଷ ଅଧିନରେ ଥିବା ରାଜକୀୟ ଅଶ୍ୱାରୋହି। ବାବରଙ୍କ ଆଗମନ ପରେ ପରେ ଭାରତରେ ତୋପ ଏବଂ ଗୋଳାବାରୁଦ ବ୍ୟବହାର କ୍ଷିପ୍ର ବେଗରେ ବଢ଼ି ଯାଇଥିଲା। ଘେରା ବନ୍ଦୀ ଅର୍ଥାତ୍ କୌଣସି ଦୁର୍ଗକୁ ଚାରିଆଡ଼େ ଘେରିଯାଇ ତା ଉପରେ ଆକ୍ରମଣ କରିବା ପ୍ରକ୍ରୀୟା ବ୍ୟତୀତ ଦୁର୍ଗ ଉପରେ ବଡ଼ ବଡ଼ ବନ୍ଧୁକ/କମାଣ ଗୁଡ଼ିକୁ ସ୍ଥାପିତ କରାଯାଇଥିଲା। ବିଶାଳ ସଂଖ୍ୟା ବିଶିଷ୍ଟ ହୋଇଥିଲେ ମଧ୍ୟ ପଦାତିକ ବାହିନୀ (Infantry) ରେ ଉଭୟ ଲଢୁଆ ଏବଂ ବିନା ଲଢୁଆ ଶ୍ରେଣୀର ଲୋକେ ସାମିଲ ହୋଇଥିଲେ। ଲଢୁଆ ଲୋକମାନେ ମୁଖ୍ୟତଃ ବନ୍ଧୁକଧାରୀ ଅଟନ୍ତି ତାଙ୍କୁ ବନ୍ଦୁକଚୀ (Banduqchis) କୁହାଯାଉଥିଲା। ଆକବରଙ୍କ ସମୟ ବେଳକୁ ବନ୍ଧୁକଧାରୀ ସୈନ୍ୟମାନେ ପଦାତିକବାହିନୀ ସହିତ ସାମିଲ ହୋଇଥିବାର ଜଣାଯାଏ। ଦିଲ୍ଲୀର ସୁଲତାନ ତଥା ମୋଗଲମାନେ ଯୁଦ୍ଧ କ୍ଷେତ୍ରରେ ହସ୍ତିର ଉପଯୋଗ କରୁଥିଲେ। ନୌବାହିନୀ ସର୍ବଦା ଭାରତୀୟ ଶାସକମାନଙ୍କର ଏକ ଦୁର୍ବଳତା ହିସାବରେ ପରିଗଣିତ ହେଉଥିଲା।

## ୩୧.୧୪ ମୁଦ୍ରା ବ୍ୟବସ୍ଥା Currency System

ସୁଲତାନ୍ ଇଲତୁତ୍‌ମିସ୍‌ଙ୍କ ଶାସନରୁ ତା'ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ପ୍ରତୀକ ମୁଦ୍ରା ରୂପା ଟଙ୍କା ଥିଲା ଯାହାର ଓଜନ ଥିଲା ୧୭୫ ଗ୍ରେନ୍। ମୁଦ୍ରା ପ୍ରଣାଳୀ ଦୁଇ ଧାତୁ ବିଶିଷ୍ଟ ଥିଲା ଏବଂ ତମ୍ବାର ଏକ ସମାନ୍ତରାଳ ମୁଦ୍ରା ପ୍ରଚଳିତ ଥିଲା। ଏହାର ଏକକ (Bsic unit) ଜିତଲ (Jital) ଥିଲା। ଚତୁର୍ଦ୍ଦଶ ଶତାବ୍ଦୀରେ ୪୮ ଅଥବା ୫୦ ଜିତଲ ଏକ ଟଙ୍କା ସହିତ ସମାନ ବୋଲି ଗ୍ରହଣ ଯୋଗ୍ୟ ହୋଇଥିଲା। ସୁଲତାନମାନେ ସୁନା ଓ ରୂପାର ମୁଦ୍ରା ମଧ୍ୟ ପ୍ରଚଳନ କରିଥିଲେ ଏବଂ ସ୍ୱର୍ଣ୍ଣ ମୁଦ୍ରା ମଧ୍ୟ ତିଷ୍ଠି ରହିଥିଲା। ଲୋଧିମାନେ, ରୂପା ମୁଦ୍ରା ପ୍ରଚଳନ କରି ନଥିବା ପରିବର୍ତ୍ତେ ଏକ ଭାରି ୧୪୫ grain ବିଶିଷ୍ଟ ସ୍ୱର୍ଣ୍ଣମୁଦ୍ରା ପ୍ରଚଳନ କରିଥିଲେ। ତାହାକୁ ବାହଲଲି (Bahloli) କୁହାଯାଉଥିଲା। ଶେରଶାହାସୁରି ମଧ୍ୟ ଦ୍ୱିଧାତୁ ମୁଦ୍ରା ପ୍ରଣାଳୀ ସ୍ଥାପନ କରିଥିଲେ । ସେ ରୁପାମୁଦ୍ରା ପ୍ରଚଳନକରିବା ସଙ୍ଗେ ସଙ୍ଗେ ଏକଟଂକା ମୂଲ୍ୟର ତମ୍ବାମୁଦ୍ରା ମଧ୍ୟ ଚଳାଇଥିଲେ। ଆକବରଙ୍କ ପରଠାରୁ ମୋଗଲମାନେ ଏହି ପରମ୍ପରା ଜାରିରଖିଥିଲେ । ତାଙ୍କ ଟଂକାର ଓଜନ ୧୭୮ ଗ୍ରେନ (ଆଓରଙ୍ଗଜେବ ସମହୂରେ ୧୮୦ ଗ୍ରେନ) ଥିଲା ଏବଂ ଏଥିରେ ମିଶ୍ରିତ ଧାତୁର ପରମାଣ ୪ ପ୍ରତିଶତଠାରୁ ଅଧିକ ହୋଇନଥିଲା। ତମ୍ବାରେ ସେମାନେ ୩୨୩ ଗ୍ରେନ ବିଶିଷ୍ଟ ଡେମ୍ସ (Dems) ପ୍ରଚଳନ କରିଥିଲେ ଯାହାକି ପ୍ରକୃତିରେ ଶେରଶାହାଙ୍କ ଟଂକାର ଅଧା ହେଉଥିଲା । ଆକବର ରାଜତ୍ୱର ଶେଷ ବର୍ଷ ବେଳକୁ ଏକଟଂକାର ବିନିମୟ ମୂଲ୍ୟ ୪୦ ଡେମ୍ସ (Dems) ଥିଲା ଏବଂ ଏହା ପରବର୍ତ୍ତୀ ସମୟରେ ଟଂକାର କାଗଜୀ ମୂଲ୍ୟ (Paper value of the rupee) ହୋଇଯାଇଥିଲା। ବାସ୍ତବରେ ସପ୍ତଦଶ ଶତାବ୍ଦୀରେ ଟଂକାର ତମ୍ବାଗତ ମୂଲ୍ୟ କମିଯାଇଥିଲା । ମୋଗଲମାନେ ମଧ୍ୟ ସ୍ୱର୍ଣ୍ଣମୁଦ୍ର ପ୍ରଚଳନ କରିଥିଲେ ଯାହାକୁ ମୋହର

ଟିପ୍ପଣୀ

ବା ଅଶ୍ରଫି (ashrafi) କୁହାଯାଏ କିନ୍ତୁ ଏଗୁଡିକ ବଜାରରେ ସାଧାରଣତ ବ୍ୟବହାର ହେଉନଥିଲା ମୋଗଲମାନଙ୍କ ମୁଦ୍ରାନିର୍ମାଣରେ ଅତ୍ୟଧିକ ଧାତ୍ୱିକ ଶୁଦ୍ଧତା ତଥା ଏକରୁପତା ଦେଖିବାକୁ ମିଳେ। ମୁଦ୍ରା ତିଆରି ଏହି ଅର୍ଥରେ ନିଶୁଳ୍କ ଥିଲା ବୋଲି କୁହାଯାଏ କାରଣ ଯେ କୌଣସି ଲୋକ ସୁନାରୁପା ନେଇ ଟଙ୍କାଶାଳକୁ ଯାଇ ଖୁବ କମ ଶୁଳ୍କରେ ମୁଦ୍ରା ତିଆରି କରି ଆଣି ପାରୁଥିଲେ।

**ପାଠଗତ ପ୍ରଶ୍ନ ୩୧.୩**

ବନ୍ଧନୀ ମଧ୍ୟରେ ଥିବା ଠିକ୍ ଶବ୍ଦ ବ୍ୟବହାରକରି ଶୂନ୍ୟସ୍ଥାନ ପୁରଣକର ।

୧. ସମ୍ରାଟ ଏକ ନୁତନ ତତ୍ୱକୁ ନିଜ ସେବାକୁ ଆଣିବାପାଇଁ ପ୍ରୋତ୍ସାହିତ କରିଥିଲେ ଏବଂ ..........ମାନେ ମୋଗଲ ଆଭିଜାତ୍ୟ ବର୍ଗର ଏକ ମହତ୍ୱପୂର୍ଣ୍ଣ ଅଂଶ ହବାପାଇଁ ଆସିଥିଲେ। (ଆଫଗାନୀ, ଇରାନୀ, ତୁର୍କି)

..............................................................................................

୨. ସୁଲତାନୀ ସରକାରଙ୍କ ସମସ୍ତ କାର୍ଯ୍ୟ ଦେଖାଶୁଣା କରିବାପାଇଁ ସୁଲତାନଙ୍କ ଠିକ୍ ତଳେ ....... ଙ୍କ କାର୍ଯ୍ୟାଳୟ ଥିଲା । (ମୁଖ୍ୟ ସଦର, ମୁଖ୍ୟ ନ୍ୟାୟାଧୀଷ, ୱାଜିର)

..............................................................................................

୩. ମୋଗଲ କାଳରେ ........... ରାଜସ୍ୱ ଏକତ୍ର କରିବାପାଇଁ ଏକ ଅଫିସ ରୁପେ ବିକଶିତ ହୋଇଥିଲା ଯାହାକି ଏହି ରାଜ୍ୟରୁ ଆଦାୟ କରାଯାଉଥିଲା । (ମସବ, ମଦର, ଜାଗୀର)

..............................................................................................

୪. ସୁଲତାନୀ ଶାସନ ସମୟରେ ଇଲ୍ ତୁତ୍ ମିସ୍ ଏବଂ ଏହା ପରେ ........ ଗ୍ରେନ ଓଜନର ରୁପା ମୁଦ୍ରା ଏକକ ମୁଦ୍ରା ଥିଲା।(୧୭୫, ୨୦୦, ୨୨୫)

..............................................................................................

---

ମଧ୍ୟକାଳୀନ ରାଷ୍ଟ୍ରର ବିକାଶ ରାଜ୍ୟ ଜୟ ଏବଂ ଏକତ୍ରୀକରଣ ସହିତ ଏକ ପ୍ରକ୍ରୀୟା ଥିଲା। ଶାସନ କଳାରେ ମଧ୍ୟ କିଛି ଏସୀୟ ସଂଗଠନଗୁଡ଼ିକୁ ସ୍ଥାପନ କରାଯାଇଥିବା ସଙ୍ଗେ ସଙ୍ଗେ ପୂର୍ବତନ ପ୍ରଥାର ମଧ୍ୟ ବିଶେଷ ଭାବରେ ପ୍ରତ୍ୟାଖ୍ୟାନ କରାଯାଇ ନଥିଲା। ପ୍ରଶାସନର ସଙ୍ଗଠନ ଏକ ଶାସକ ବର୍ଗ ମଧ୍ୟରେ ଥିବା ସମର୍ଥ କୌଣସି ଏକ ଅଖଣ୍ଡ ଢ଼ାଞ୍ଚା ପରି ମନେ ହେଉ ନଥିଲା। କ୍ଷମତାର ଏକମାତ୍ର ସ୍ରୋତରେ ପ୍ରତ୍ୟେକ ରାଜାଙ୍କୁ ନିଜ ବଂଶର ସ୍ଥାୟୀତ୍ୱ ତଥା ଦୃଢ଼ତାକୁ ସୁନିଶ୍ଚିତ କରିବା ପାଇଁ ବଦଳୁଥିବା ସମୀକରଣ ଏବଂ ହିତାଧିକାରୀମାନଙ୍କ ମଧ୍ୟରେ ସନ୍ତୁଳନ ସ୍ଥାପିତ କରିବାକୁ ପଡୁଥିଲା। କିନ୍ତୁ ଏକ ମିଶ୍ରିତ ସଂସ୍କୃତିର ବିଶ୍ୱାସ ପ୍ରତି ଧ୍ୟାନ ଦିଆଯାଇଥିଲା।

ଟିପ୍ପଣୀ

## ତୁମ୍ଭେ କ'ଣ ଶିଖିଲ

ଗୁପ୍ତ ଯୁଗର ପତନ ପରେ ଭାରତୀୟ ରାଜତନ୍ତ୍ରରେ ବିକେନ୍ଦ୍ରୀକରଣ ଏବଂ ବିଭିନ୍ନ କ୍ଷେତ୍ରୀୟ ରାଷ୍ଟ୍ରର ଆବିର୍ଭାବ ଦେଖା ଦେଲା । ତ୍ରୟୋଦଶ ଶତାବ୍ଦୀରେ ଉତ୍ତର ଭାରତରେ ଏକ ନୂତନ ରାଜବଂଶୀୟ କ୍ଷେତ୍ରର ଉଦୟ ହୋଇଥିଲା । ଦିଲ୍ଲୀ ସୁଲତାନେଟର ଉତ୍ପତ୍ତି ମହମ୍ମଦ ଘୋରୀଙ୍କ ବିଜୟରୁ ହିଁ ହୋଇଥିଲା ଯିଏ ୧୧୫୧ରେ ଗଜନୀକୁ ଧ୍ୱଂସ କରିଥିଲେ । ତାଙ୍କର ସୈନ୍ୟବାହିନୀ ମୁଲତାନ, ସିନ୍ଧି, ପେଶୱା ଏବଂ ଲାହୋରକୁ ଜୟ କରିଥିଲେ । ତା'ପରେ ଇଲତୁତ୍‌ମିସ୍‌ଙ୍କୁ ଉତ୍ତରଭାରତରେ ତୁର୍କ ବିଜୟର ପ୍ରକୃତ ଏକକ କର୍ତ୍ତା ବୋଲି ଗ୍ରହଣ କରାଯାଏ ।

୧୨୪୬ରେ ରାଜନୈତିକ ସ୍ଥିତିରେ ଏକ ପରିବର୍ତ୍ତନ ଆସିଥିଲା ଯେତେବେଳେ ଗ୍ୟାସୁଦ୍ଦିନ ବଲବନ୍ ପ୍ରବଳ ଶକ୍ତିଶାଳୀ ହୋଇଥିଲେ ଏବଂ ପ୍ରଥମେ ସୁଲତାନଙ୍କର ନାଏବ ଏବଂ ପରେ ନିଜେ ସୁଲତାନ (୧୨୬୬-୮୭) ହୋଇ ସେ ସମୟର ମହାନ ରାଜନୈତିକ ବ୍ୟକ୍ତିତ୍ୱ ହୋଇ ପାରିଥିଲେ । ୧୨୯୬ରେ ଜଲ୍ଲାଲଉଦ୍ଦିନ ଖିଲିଜୀଙ୍କୁ ତାଙ୍କର ମହତ୍ୱକାଂକ୍ଷୀ ପୁତୁରା ଏବଂ ଉତ୍ତରାଧିକାରୀ ଆଲ୍ଲାଉଦ୍ଦିନ ଖିଲିଜୀ ହତ୍ୟା କରିଥିଲା । ଆଲ୍ଲା-ଉଦ୍ଦିନ-ଖିଲିଜିଙ୍କ ଶାସନ କାଳ (୧୨୨୬-୧୩୧୬)ରେ ସୁଲତାନେଟ ଏକ ସାମ୍ରାଜ୍ୟର ଭୂମିକା ଗ୍ରହଣ କରିଥିଲା । କିନ୍ତୁ ତାଙ୍କ ମୃତ୍ୟୁର ପାଞ୍ଚ ବର୍ଷ ପରେ ଖିଲିଜୀମାନେ ତାଙ୍କ କ୍ଷମତା ହରାଇଥିଲେ ।

ଗ୍ୟାସ ଉଦ୍ଦିନ ତୋଗଲକ ଏବଂ ମହମ୍ମଦ ବିନ୍ ତୋଗଲକଙ୍କ ସମୟରେ ସୁଲତାନେଟ ଶୀର୍ଷ ସୀମାକୁ ପହଞ୍ଚିଥିଲା ଏବଂ ସାରା ଭାରତକୁ ଶାସନ କରିବାକୁ ପ୍ରୟାସ କରିଥିଲେ । ଉକ୍ତ ସମୟରେ ସାମ୍ରାଜ୍ୟର କେନ୍ଦ୍ରିକରଣ ତଥା ବିସ୍ତାରର ଏକ କ୍ରମାଗତ ସମୟ ଥିଲା ।

୧୫୨୬ରେ ମଧ୍ୟ ଏସିଆରୁ ଆସି ବାବର ଭାରତରେ ମୋଗଲ ସାମ୍ରାଜ୍ୟର ପ୍ରତିଷ୍ଠା କରିଥିଲେ । ତାଙ୍କର ଦିଲ୍ଲୀ ଏବଂ ଗାଙ୍ଗେୟ ଉପତ୍ୟକା ଏବଂ ପରେ ପରେ ପଞ୍ଜାବରୁ ବଙ୍ଗଳା ପର୍ଯ୍ୟନ୍ତ ଅଧିକାର ବାବରଙ୍କୁ ପାରସ୍ୟର ପାଦଶାହା ଉପାଧିରେ ଭୂଷିତ କରିବା ପାଇଁ ହକ୍‌ଦାର କରିଥିଲା । ତାଙ୍କ ପୁତ୍ର ହୁମାୟୁନ ଶେରଶାହଙ୍କଠାରୁ ହାରି ଆଫ୍‌ଗାନିସ୍ଥାନ ପଳାଇଥିଲେ । ୧୫୫୫ରେ ଶେରଶାହଙ୍କ ମୃତ୍ୟୁପରେ ହୁମାୟୁନ ଦିଲ୍ଲୀ ଅଧିକାର କରି ଦୁର୍ଘଟଣାରେ ମୃତ୍ୟୁବରଣ କଲେ । ତାଙ୍କର ତେରବର୍ଷୀୟ ପୁତ୍ର ଆକବର ସିଂହାସନ ଆରୋହଣ କରିଥିଲେ ଏବଂ ନିଜର ସଂରକ୍ଷକ ବୈରାମ ଖାଁଙ୍କ ନେତୃତ୍ୱରେ ଲାହୋର, ଦିଲ୍ଲୀ, ଆଗ୍ରା, ଜୌନପୁର ଆଦି ଦୁର୍ଗ ଓ ବିଶିଷ୍ଟ ସହରକୁ ଜୟ କରିଥିଲେ । ଆକବର ୧୫୫୬ ରୁ ୧୬୦୫ ପର୍ଯ୍ୟନ୍ତ ଶାସନ କରିଥିଲେ । ତାଙ୍କ ପୁତ୍ର ଜାହାଙ୍ଗୀର(୧୬୦୫-୨୭) ପୌତ୍ର ଶାହାଜାହାନ (୧୬୨୭-୧୬୫୮) ଏବଂ ଅଣନାତି ଆଉରେଙ୍ଗଜେବ (୧୬୫୮-୧୭୦୭) ତାଙ୍କର ଉତ୍ତରାଧିକାରୀ ଥିଲେ । ନିଜର ଚରମ ଅବସ୍ଥାରେ ମୋଗଲ ସାମ୍ରାଜ୍ୟ ଭାରତୀୟ ଇତିହାସରେ ସମ୍ପଦ ଉପରେ ଅଭୁତ ପୂର୍ବ ଅଧିକାର ସାବ୍ୟସ୍ତ କରିଥିଲା ।

ଷୋଡ଼ଶ ତଥା ସପ୍ତଦଶ ଶତାବ୍ଦୀରେ ୟୁରୋପୀୟ ତଥା ଅଣୟୁରୋପୀୟ ବ୍ୟବସାୟୀକ ପ୍ରତିଷ୍ଠାନର ଗଠନ ତଥା ବିସ୍ତାର ହେତୁ ସେମାନେ ବିଦେଶରେ ଚାହିଦାଥିବା ଭାରତୀୟ ଜିନିଷ ପତ୍ର ପାଇବା ପାଇଁ ଏହି ଉପମହାଦୀପକୁ ଆସିଥିଲେ ।

ଏହି ପାଠରେ ତୁମେ ମଧ୍ୟକାଳୀନ ରାଜ୍ୟର ସ୍ୱରୂପ, ରାଜତ୍ୱ, ରାଜଦରବାର ଏବଂ ଆଭିଜାତ୍ୟ ବର୍ଗ ବିଷୟରେ ମଧ୍ୟ ଜାଣିଲ । ଏହା ବ୍ୟତୀତ ତୁମେ ପ୍ରାଦେଶିକ ପ୍ରଶାସନ, କର ଆଦାୟ ପ୍ରକ୍ରୀୟା, ମଧ୍ୟଯୁଗୀୟ ସେନା ତଥା ମୁଦ୍ରା ପ୍ରଣାଳୀ ବିଷୟରେ ମଧ୍ୟ ଜ୍ଞାନ ଲାଭ କଲ ।

## ପାଠାନ୍ତ ପ୍ରଶ୍ନ

୧. ମହମ୍ମଦ ଘୋରୀଙ୍କ ଭୂମିକାକୁ ସଂକ୍ଷେପରେ ବର୍ଣ୍ଣନା କର ।

୨. ବଲବନ୍ ଏବଂ ଖିଲିଜୀଙ୍କ ଯୁଗର ମୁଖ୍ୟ ଉପାଦାନଗୁଡ଼ିକୁ ଉଲ୍ଲେଖ କର ।

୩. ମହମ୍ମଦ ବିନ୍ ତୋଗଲକଙ୍କ ଶାସନ ବେଳେ ସୁଲତାନେଟର ଉତ୍ଥାନ ତଥା ପତନର ଆରମ୍ଭକୁ ଚିହ୍ନଟ କର ।

୪. ଷୋଡ଼ଶ ଏବଂ ସପ୍ତାଦଶ ଶତାବ୍ଦୀରେ ମୋଗଲ ଶାସନର ମୂଲ୍ୟାୟନ କର ।

୫. ମଧ୍ୟଯୁଗୀୟ ରାଷ୍ଟ୍ରର ସ୍ୱରୂପକୁ ନିରୀକ୍ଷର କର ।

୬. ରାଜାଙ୍କ ବ୍ୟକ୍ତିତ୍ୱର ଅର୍ଥ କ'ଣ ?

୭. ପ୍ରାଦେଶିକ ଶାସନ ବିଷୟରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ ।

## ପାଠଗତ ପ୍ରଶ୍ନର ଉତ୍ତର

**୩୧.୧**

୧. ୧୧୮୬

୨. ୧୧୭୫, ୧୧୮୨, ୧୧୮୬

୩. ଉତ୍ତର ଭାରତ

୪. ୧୨୯୦

୫. ୧୨୯୬

**୩୧.୨ ଶୂନ୍ୟସ୍ଥାନ ପୂରଣ କର ।**

୧. ତୈମୁର, ଚେଙ୍ଗିଜ୍ ଖାଁ

୨. ୧୫୫୫

୩. ୧୭୦୭, ସକ୍ଷମ, କେନ୍ଦ୍ରିକୃତ

୪. ମୋଗଲ, ସରିୟତ



ଟିପ୍ପଣୀ

**୩୧.୩ ବନ୍ଧନୀରୁ ଠିକ୍ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।**

୧. ଇରାନୀ

୨. ଓ୍ବାଜୀର

୩. ଜାଗିରୀ

୪. ୧୭୫

**ପାଠାନ୍ତ ପ୍ରଶ୍ନ ପାଇଁ ସଙ୍କେତ**

୧. ଅନୁଚ୍ଛେଦ ୩୧.୨ ଦେଖ

୨. ଅନୁଚ୍ଛେଦ ୩୧.୨ ଦେଖ

୩. ଅନୁଚ୍ଛେଦ ୩୧.୨ ଦେଖ

୪. ଅନୁଚ୍ଛେଦ ୩୧.୩ ଦେଖ

୫. ଅନୁଚ୍ଛେଦ ୩୧.୪ ଦେଖ

୬. ଅନୁଚ୍ଛେଦ ୩୧.୫ ଦେଖ

୭. ଅନୁଚ୍ଛେଦ ୩୧.୧୦ ଦେଖ